## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ପୋଷଣ କାର୍ଯ୍ୟକ୍ରମ

#### କୁପୋଷଣ, ରକ୍ତହୀନତା ଶିଶୁ ଓ ମହିଳାଙ୍କୁ ଚାରା ବଣ୍ଟନ

ରସୁଲପୁର,୨୯।୧(ଡି.ଏନ.ଏ.): ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଟକା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଚାରାବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ କୁପୋଷଣ, ରକ୍ତହୀନତା ଶିଶୁ ଓ ମହିଳାଙ୍କୁ ଚାରା ବଣ୍ଟନ କରିଥିଲେ। ସୁଷମ ଖାଦ୍ୟ ଅଭାବରୁ ପୁଷ୍ଟିହୀନତାର ଶିକାର ହେଉଥିବା କମ୍ ଓଜନର ଶିଶୁ ଓ ରକ୍ତହୀନତା ମହିଳମାନଙ୍କୁ ଚିହ୍ନଟ କରାଯାଇଥିଲା। ଭୋଟକା ପଞ୍ଚାୟତର ୭ ରାଜସ୍ୱ ଗ୍ରାମରେ ୨୬ଜଣ କମ୍ ଓଜନର ଶିଶୁ, ୪୧ ରକ୍ତହୀନତା ମହିଳା, ୨ ବିଧବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସମେତ ମୋଟ ୬୯ଜଣଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତା ଦାଶ, ମହିଳା ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ବିଷ୍ଣୁପ୍ରିୟା ଦାସ, ଉଦ୍ୟାନକୃଷି ଅଧିଦର୍ଶକ ପବିତ୍ର ମୋହନ ଶତପଥୀ ପ୍ରମୁଖ ଯୋଗଦେଇ ପରିବା କିଟ୍ ପ୍ରଦାନ କରିଥିଲେ। ଏହି କିଟ୍ ଜରିଆରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୨ଟି ଲେଖାଏ ଲେମ୍ବୁ, ସଜନା, ଅମୃତଭଣ୍ଡା, କଦଳୀ ଚାରା ସହ ବାଇଗଣ, ଭେଣ୍ଡି, ଗ୍ରୀନ ଲଙ୍କା, ଲାଉ, ଟମାଟୋ, ପାଳଙ୍ଗ ସାଗ ଆଦି ମଞ୍ଜି କିଟ୍ ପ୍ରଦାନ କରାଯାଇଛି। ଏହି ଚାରା ଲଗାଇବା ସହ ବାଡିରେ ମୋ ଉପକାରୀ ବଗିଚା ଜରିଆରେ ପରିବା ଚାଷ କରିବେ। ଏହି ଉପାୟରେ ଶିଶୁ ଓ ମା'ଙ୍କ କୁପୋଷଣ ଓ ଆନେମିଆ ଦୂର ହୋଇପାରିବ ବୋଲି ସୂଚନା ଦିଆଯାଇଛି। ଚାରା ବଣ୍ଟନ କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ। ସେହିପରି ରସୁଲପୁର ପଞ୍ଚାୟତରେ ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ଓ ମହିଳାଙ୍କୁ ଚାରା ବଣ୍ଟନ କରିଥିଲେ। ପଞ୍ଚାୟତରେ ୬୦ଜଣ କମ୍ ଓଜନର ଶିଶୁ, ୫୩ ରକ୍ତହୀନତା ମହିଳା, ୧୧ଜଣ ଦିବ୍ୟାଙ୍ଗ ବିଧବାଙ୍କୁ ମିଶାଇ ମୋଟ୍ ୧୨୪ଜଣଙ୍କୁ ଚାରା ବଣ୍ଟନ କରାଯାଇଛି। ଉଦ୍ୟାନ ସାଥୀ ସୁରେନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବିବାହ ଶୋଭାଯାତ୍ରାରେ ଡିଜି ପଡ଼ି ୪ ଆହତ

ରାଜକନିକା, ୨୯।୧(ଡି.ଏନ.ଏ.) ରାଜକନିକା ଥାନାର ଚରପଡ଼ା ଗାଁର ୪ ଯୁବକ ଶନିବାର ଏକ ବିବାହ ଶୋଭାଯାତ୍ରା ଯାଜପୁର ଜିଲାର ବରୁହାଁ ହରିପୁର ରାସ୍‌ଗଡା ଗ୍ରାମକୁ ଯାଇଥିଲେ। ଶୋଭାଯାତ୍ରା ଚାଲିଥିବା ବେଳେ ଏକ ଗାଡିରେ ଦଉଡି ବନ୍ଧା ହୋଇଥିବା ଏକ ଡିଜି ଛିଡି ଯାଇ ନିକଟରେ ଥିବା ୪ ଜଣ ପିଲାଙ୍କ ଉପରେ ପଡ଼ି ଯାଇଥିଲା। ଫଳରେ ୪ ଜଣ ଯୁବକ ଆହତ ହେବାରୁ ସ୍ଥାନୀୟ ଲୋକେ ପ୍ରଥମେ ଯାଜପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ସତ୍ୟବ୍ରତ ସାମଲ, ତାପସ କୁମାର ସାମଲ, ସଞ୍ଜୟ କୁମାର ବେହେରା, ସତ୍ୟବ୍ରତ ସାମଲ।

# ଆଜି ଆବାସ ଯୋଜନାର ଚୂଡ଼ାନ୍ତ ତାଲିକା

- ଆଶା ଅଶଙ୍କାରେ ହିତାଧିକାରୀ
- ନ୍ୟାୟ ଅପେକ୍ଷାରେ ତାଲିକାରୁ ବାଦ୍ ବ୍ୟକ୍ତି

ରସୁଲପୁର,୨୯।୧(ଡି.ଏନ.ଏ.): ଜାନୁୟାରୀ ୩୦(ସୋମବାର) ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚୂଡାନ୍ତ ଯୋଗ୍ୟ ତାଲିକା ପ୍ରକାଶ ପାଇବ। ଏନେଇ ରସୁଲପୁର ବ୍ଲକରେ ଘଣ୍ଟାଚକଟା ଚାଲିଛି। ତାଲିକାରୁ ଅଯୋଗ୍ୟଙ୍କୁ ବାଦ ଦେବା ବେଳେ ତଦନ୍ତ ଅଧିକାରୀମାନେ ଚାପଗ୍ରସ୍ତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ପାଇଁ ଚୟନ ହୋଇଥିବା ହିତାଧିକାରୀ ତାଲିକା ୨୦୨୪ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ଜାଣି ନେତାମାନେ ଚୟନରେ ହସ୍ତକ୍ଷେପ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ତଦନ୍ତ କାର୍ଯ୍ୟରେ ନିୟୋଜିତ ୩ ଜଣିଆ କମିଟିଙ୍କ ରିପୋର୍ଟ ଉପରେ ସମସ୍ତଙ୍କ ନଜର ରହିଛି। ତେଣେ ବିରୋଧୀ ଚୂଡାନ୍ତ ତାଲିକାକୁ ଅପେକ୍ଷା କରି ରହିଛନ୍ତି। ତ୍ରୁଟି ବିଚ୍ୟୁତି ଘଟିଲେ ତା'କୁ ନେଇ ସେମାନେ ରାଜନୀତି କରିବାକୁ ଅପେକ୍ଷାରତ। ତାଲିକା ଚୟନରେ ବ୍ୟତୀକ୍ରମ ଘଟିଲେ ଅଧିକାରୀଙ୍କ ଉପରେ ବିପଦର ଖଣ୍ଡା ଝୁଲୁଛି। ତଦନ୍ତରେ ଭୁଲ ପ୍ରମାଣିତ ହେଲେ ସରକାରୀ ବାବୁଙ୍କ ଚାକିରି ଯିବ ବୋଲି କୁହାଯାଉଛି। ଏଭଳି ଏକ ତ୍ରିଶଙ୍କୁ ଅବସ୍ଥାରେ ତାଲିକା ଚୂଡାନ୍ତ ହେବାକୁ ଯାଉଛି। ଯାହା ବି ହେଉ ନିର୍ଦ୍ଧାରିତ ତାରିଖରେ ତାଲିକା ପ୍ରକାଶ ପାଇବା ଥୟ ବୋଲି ଜଣାଯାଇଛି। ଏହାକୁ ରାଜନେତାଙ୍କଠାରୁ ସାଧାରଣ ହିତାଧିକାରୀଙ୍କ ପର୍ଯ୍ୟନ୍ତ ଅପେକ୍ଷା କରି ରହିଛନ୍ତି।

ଏହି ବ୍ଲକର ୨,୪୯୨ ହିତାଧିକାରୀଙ୍କୁ ଆବାସ ମିଳିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୩ ବର୍ଷ ତଳୁ ପଞ୍ଚାୟତସ୍ତରରେ ସ୍ଥିର କରାଯାଇଥିବା ହିତାଧିକାରୀ ତାଲିକାକୁ ଦେଖିଲେ ବ୍ଲକରେ ହିତାଧିକାରୀଙ୍କ ସଂଖ୍ୟା ୩୩୫୨ ରହିଥିଲା। ଏହାରି ଭିତରେ ବ୍ଲକ ଅଧୀନ ୨୮ ପଞ୍ଚାୟତରୁ ୮୬୦ଜଣଙ୍କୁ ବାଦ୍ ଦେବାକୁ ପଡିବ। ସେଥିପାଇଁ ବାଦ୍‌ଦେବା ପ୍ରକ୍ରିୟା ଜାରି ରହିଛି। ଶନିବାର ଓ ରବିବାର ଛୁଟି ଥିବାରୁ ବାଦ ପ୍ରକ୍ରିୟା ଶେଷ ହୋଇପାରି ନାହିଁ। ତେଣେ ଆୱାସ ପ୍ଲସ ଓ ଆଧାର ଲିଙ୍କ କାର୍ଯ୍ୟ ଶେଷ ହୋଇ ପାରୁ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଅନୁମୋଦନ ଓ ଅର୍ଥ ମଞ୍ଜୁରୀ ମିଳିବା ସମ୍ଭବ ନୁହେଁ ବୋଲି ଜଣାଯାଇଛି। ବ୍ଲକରେ କାର୍ଯ୍ୟରତ ଡିଇଓମାନେ ଛୁଟି ଦିନରେ କାର୍ଯ୍ୟ ଜାରି ରଖିଛନ୍ତି।

ଜାନୁୟାରୀ ୧୬ରେ ପଞ୍ଚାୟତରେ ଆବାସ ହିତାଧିକାରୀଙ୍କ ସମ୍ଭାବ୍ୟ ତାଲିକା ଝୁଲା ଯାଇଥିଲା। ତାଲିକାରେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ ସ୍ଥାନ ପାଇ ପାରି ନ ଥିଲା। ଯୋଗ୍ୟ ହିତାଧିକାରୀ ପଞ୍ଚାୟତଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ିଦୌଡି ଅଭିଯୋଗ କରୁଛନ୍ତି। ହେଲେ ତାଲିକାରୁ କେବଳ ବାଦ ଦିଆଯିବା ପାଇଁ ନିୟମ ଲାଗୁ କରାଯାଇଛି। ତେଣୁ ଶତାଧିକ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେବା ପାଇଁ ଅନଲାଇନ, ପଞ୍ଚାୟତ ଓ ବ୍ଲକରେ ଖୋଲାଯାଇଥିବା ଅଭିଯୋଗ ବାକ୍ସ ଜରିଆରେ ଅଭିଯୋଗମାନ ଆସିଛି। ଏହି ଅଭିଯୋଗକୁ ନେଇ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରହିଛି। ଉକ୍ତ ତଦନ୍ତ ରିପୋର୍ଟ ପ୍ରଦାନ ପରେ ସେମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଅନ୍ୟ ଦିଗକୁ ଲକ୍ଷ୍ୟ କଲେ ସଂଯୋଗ ପାଇଁ କୌଣସି ସୁଯୋଗ ଦିଆଯାଉନାହିଁ। ଯୋଗ୍ୟଙ୍କୁ ଆବାସ ମିଳିବ କି ନାହିଁ ସେ ଦ୍ୱନ୍ଦ୍ୱ ଦୂର ହୋଇପାରୁ ନାହିଁ। ଅଯୋଗ୍ୟଙ୍କୁ ବାଦ୍ ଦେବା ବେଳେ ତଦନ୍ତ ଅଧିକାରୀଙ୍କ ପାଇଁ ଅଡୁଆ ପରିସ୍ଥିତି ଉପୁଜୁଛି ବୋଲି କୁହାଯାଉଛି। ଚୂଡାନ୍ତ ତାଲିକାକୁ ନେଇ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତାଲିକାରେ ଭୁଲତ୍ରୁଟି ରହିଲେ, ଯୋଗ୍ୟ ବାଦ ପଡିଲେ ମାମଲା କୋର୍ଟକୁ ଯିବାର ଆଶଙ୍କା ବଢିବାରେ ଲାଗିଛି। ଏହାର ଏକ ବିକଳ୍ପ ରାସ୍ତା ଭାବରେ ସରକାର ଗ୍ରାମସଭାକୁ ଢାଲ କରିବାକୁ ଚିନ୍ତା କରୁଛନ୍ତି। ଚୂଡାନ୍ତ ତାଲିକାରେ ସ୍ଥାନିତ ହିତାଧିକାରୀଙ୍କ ନାମକୁ ଗ୍ରାମସଭା ଜରିଆରେ ଅନୁମୋଦନ କରାଇ ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ଶେଷ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ପ୍ରଶାସନିକସ୍ତରରେ ମସୁଧା କରାଯାଉଥିବା ଆଭାଷ ମିଳୁଛି। ଆବାସ ବଣ୍ଟନରେ ସ୍ୱଚ୍ଛତା ଆଣିବା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଅନ୍ୟପକ୍ଷରେ ଯୋଗ୍ୟଙ୍କୁ ଆବାସ ପ୍ରଦାନ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। ଏବେ ଦେଖିବାକୁ ଅପେକ୍ଷା ପ୍ରଶାସନ କେତେ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାରେ ସକ୍ଷମ ହେଉଛି।

## ପଞ୍ଚାୟତ ଉନ୍ନତିରେ ସହାୟକ ହେବ ଗ୍ରାମୀଣ ଏକତା ମଞ୍ଚ


ବୈଠକରେ ଯୋଗଦେଇଥିବା ଗ୍ରାମୀଣ ଏକତା ମଞ୍ଚ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ।

### ବୁଦ୍ଧିଜୀବୀ, ଗ୍ରାମୀଣ ଏକତା ମଞ୍ଚର ମିଳିତ ବୈଠକ

ରସୁଲପୁର,୨୯।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମୀଣ ଏକତା ମଞ୍ଚ ଓ ପଞ୍ଚାୟତର ବୁଦ୍ଧିଜୀବୀଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତିରେ ଗ୍ରାମୀଣ ଏକତା ମଞ୍ଚ ସହାୟକ ହେବ ବୋଲି ଆଲୋଚନା ଜରିଆରେ ସ୍ଥିର କରାଯାଇଛି। ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ମଞ୍ଚ ସଭାପତି ଅଭିମନ୍ୟୁ ସାହୁଙ୍କ ଆହ୍ୱାନକ୍ରମେ ଆୟୋଜିତ ବୈଠକରେ ସମିତିସଭ୍ୟ ରଞ୍ଜିତ ସାହୁ, ନାଏବ ସରପଞ୍ଚ କେଦାର ଦେଓ, ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ନଗେନ୍ଦ୍ର ପତି, ମାୟାଧର ସାହୁ ଓ ଦିଲୀପ ରାଉତ ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତ ଅଧୀନ ୭ ରାଜସ୍ୱ ଗ୍ରାମର ସର୍ବସାଧାରଣ ସ୍ଥାନରେ ବସିବା ପାଇଁ ଚୌକିର ବ୍ୟବସ୍ଥା, ଛକଗୁଡ଼ିକରେ ଆବର୍ଜନା କୁଣ୍ଡ, ଟ୍ରାଫିକ ନିୟନ୍ତ୍ରଣ ବ୍ୟାରିକେଡ, ଗାଧୁଆତୁଠ, ସ୍ୱଚ୍ଛତା ଓ ଆଧାତ୍ମିକ ସଚେତନତା, ମହିଳାଙ୍କ ଆତ୍ମନିଯୁକ୍ତି, ପଞ୍ଚାୟତ ସମ୍ପତ୍ତି ସୁରକ୍ଷା, ଗରିବ ଲୋକଙ୍କୁ ଆମ୍ବୁଲାନ୍ସ ସେବା ପ୍ରଦାନ ଆଦି ଦିଗରେ ଗ୍ରାମୀଣ ଏକତା ମଞ୍ଚ ଫାଉଣ୍ଡେଶନ ପକ୍ଷରୁ ଭାଗୀଦାରିତା ରହିବା ନେଇ ଆଗ୍ରହ ପ୍ରକଟିତ ହୋଇଛି। ଏଥିସହ ବିଭିନ୍ନ ସମୟରେ ପଞ୍ଚାୟତରେ ଶିଶୁ, ଅସହାୟ ବୃଦ୍ଧାବୃଦ୍ଧ, ମହିଳାଙ୍କୁ ସହାୟତା ପ୍ରଦାନ କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଚଳିତ ମାସରେ ଫାଉଣ୍ଡେଶନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମରୁ ତା'ର ପ୍ରୟାସ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ଧର୍ମଶାଳା ପ୍ରେସ୍ କ୍ଲବ ବିଜୟୀ


ଉଭୟ ଦଳର ଖେଳାଳିଙ୍କ ସହିତ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ।

ଧର୍ମଶାଳା,୨୯।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ଜାରକା ଷ୍ଟାଡିୟମଠାରେ ଚାଲିଥିବା କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟର ଅବସର ଦିନରେ ରବିବାର ଅନୁଷ୍ଠିତ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍‌ରେ ଯାଜପୁର ଜିଲା ପ୍ରେସ୍ କ୍ଲବ୍‌କୁ ୬ ଉଇକେଟରେ ହରାଇ ଧର୍ମଶାଳା ପ୍ରେସ୍ କ୍ଲବ ବିଜୟୀ ହୋଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯାଜପୁର ପ୍ରେସ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୦୬ ରନ କରିଥିଲା। ଦଳ ପକ୍ଷରୁ ହର୍ଷବର୍ଦ୍ଧନ ବେହେରା ୪୯ ରନ ଓ ବିକ୍ରମ ସାହୁ ୩୯ ରନ କରିଥିଲେ। ବିପକ୍ଷ ଧର୍ମଶାଳା ପ୍ରେସ୍ କ୍ଲବର ରଶ୍ମିରଞ୍ଜନ ରାୟ ୩ ଓ ଅନିଲ ନାୟକ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଧର୍ମଶାଳା ପ୍ରେସ୍ କ୍ଲବ ୧୧.୨ ଓଭରରେ ୪ ଉଇକେଟ ହରାଇ ୧୦୭ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ରାୟ ୬୫ ରନ ଓ ସୁବ୍ରତ ଜେନା ୧୨ ରନ କରିଥିଲେ। ବିପକ୍ଷ ଯାଜପୁର ପ୍ରେସ୍ କ୍ଲବ୍ ପକ୍ଷରୁ ସନ୍ଦୀପ୍ତ ରାୟ ଓ ବିକ୍ରମ ସାହୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ସୁଶୀଲ ମହାନ୍ତି ଓ ମୃତ୍ୟୁଞ୍ଜୟ ବରାଳ ପରିଚାଳନା କରିଥିଲେ। ସୋମବାର କେଡିଏମ୍‌ର କ୍ୱାର୍ଟର ଫାଇନାଲ ମ୍ୟାଚ୍ ନଠୁଆବର ଓ ଚୋରମୁହାଁ ଏବଂ ଦ୍ୱିତୀୟ ମ୍ୟାଚ୍ ମହେଶ୍ୱରପୁର ଓ ଏଣ୍ଡଳବା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ

ଧର୍ମଶାଳା,୨୯।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଓ ପୁରସ୍କାର ପ୍ରଦାନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିଭୁ ପଦାରବିନ୍ଦ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଯୋଗଦେଇ ଶିକ୍ଷାର୍ଥୀଙ୍କ ଉଦ୍ୟମ ସବୁବେଳେ ଫଳପ୍ରଦ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଯୋଗଦେଇ ଶୃଙ୍ଖଳା ଓ ନିଷ୍ଠା ଛାତ୍ରୀଛାତ୍ରଙ୍କ ଧର୍ମ ହେଉ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଓ ଦିଲୀପ କୁମାର ସାହୁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ପରିଡ଼ା ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଶିକ୍ଷକ ସୋମେଶ କର ଧନ୍ୟବଦ ଦେଇଥିଲେ। ଉତ୍ସବ ଉଦ୍‌ଘାଟନ ପୂର୍ବରୁ ମୁଖ୍ୟଅତିଥିଙ୍କ ଦ୍ୱାରା ଏକ ୱାଲ ଫଟୋ ୟୁନିଟ ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଶତପଥୀ, କଲ୍ୟାଣୀ ଆଚାର୍ଯ୍ୟ, ସୁଦାମ ପଣ୍ଡା, ଅଧ୍ୟାପିକା କେତକୀ ନାୟକ, ଦିଲୀପ ଜେନା, କରୁଣାକର ବରାଳ, ଜଗଦିଶ ରାଉତ, ବିଜୟ ସାମଲ, ଅଶୋକ ଆଚାର୍ଯ୍ୟ ଓ ସରୋଜ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

## ଶ୍ରୀଜଗନ୍ନାଥ ହେଲ୍‌ଥ କେୟାର ଉଦ୍‌ଘାଟିତ



ରସୁଲପୁର,୨୯।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଇଚ୍ଛାପୁରଠାରେ ଶ୍ରୀଜଗନ୍ନାଥ ହେଲ୍‌ଥ କେୟାର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରରେ ବହିର୍ବିଭାଗରେ ରୋଗୀଙ୍କୁ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ସପ୍ତାହବ୍ୟାପୀ ୧୦ଟି ବିଭାଗର ଡାକ୍ତର ଉପସ୍ଥିତ ରହି ରୋଗୀ ଚିକିତ୍ସା କରିବେ। ଗ୍ରାମାଞ୍ଚଳ ରୋଗୀଙ୍କୁ ସହଜ ଓ ସୁଲଭ ସ୍ୱାସ୍ଥ୍ୟସେବା ପହଞ୍ଚାଇବା କେନ୍ଦ୍ରର ଲକ୍ଷ୍ୟ ବୋଲି ନିର୍ଦ୍ଦେଶକ ଜଗଦୀଶ ପତି ସୂଚନା ଦେଇଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି କୋରେଇ ବିଧାୟକ ଅଶୋକ କୁମାର ବଳ, ସମ୍ମାନିତ ଅତିଥି ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ, ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ମଦନମୋହନ ପତି, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି, ଭେଷଜ(ଔଷଧ), ଶିଶୁ, ସ୍ନାୟୁ ରୋଗ, ଗ୍ୟାଷ୍ଟ୍ରିକ, ଡାଇବେଟିସ୍, ନାଶା, କର୍ଣ୍ଣ ଓ ଗଳା, ହାଡ଼, ମୂତ୍ର ରୋଗ ଆଦିରେ ଚିକିତ୍ସା ଉପଲବ୍ଧ ହେବ। ଅଲଟ୍ରାସାଉଣ୍ଡ, କମ୍ପ୍ୟୁଟରାଇଜଡ୍ ରକ୍ତ ପରୀକ୍ଷା, ଏଣ୍ଡୋସ୍କପି, ଇ.ସି.ଜି. ଆଦି କ୍ଷେତ୍ରରେ ପରୀକ୍ଷାଗାରର ସୁବିଧା ମିଳିବ। ରୋଗୀଙ୍କୁ ଔଷଧରେ ୧୦ ଶତକଡ଼ା ରିହାତି ଓ ଡାକ୍ତରୀ ଚିକିତ୍ସାରେ ୩୦ ଶତକଡ଼ା ରିହାତି ମିଳିବ ବୋଲି ନିର୍ଦ୍ଦେଶକ ପତି ପ୍ରକାଶ କରିଛନ୍ତି।

## ବାଇକ୍ ଚୋରି ଅଭିଯୋଗରେ ୩ ଗିରଫ

ଚଣ୍ଡିଖୋଲ,୨୯।୧(ଡି.ଏନ.ଏ.): ବାଇକ୍ ଚୋରି ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବାଲିଚନ୍ଦ୍ରପୁର ବଜାରରେ ବ୍ୟବସାୟ କରୁଥିବା ଶେଷଦେବ ସାହୁଙ୍କ ଦୋକାନରେ କାମ କରୁଥିବା ପ୍ରଫୁଲ୍ଲ ସେଠୀଙ୍କ ବାଇକ୍ ୨୬ ତାରିଖରେ ବଜାରରୁ ଚୋରି ହୋଇଥିଲା। ଏଥିନେଇ ପ୍ରଫୁଲ୍ଲ ଥାନାରେ ଅଭିଯୋଗ କରିଥିଲେ। ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ପୋଲିସ ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଚୋରିରେ ସମ୍ପୃକ୍ତ ମାହାଙ୍ଗା ଥାନା ମାଟିପାରିଲୋ ଗ୍ରାମର ପ୍ରଦୀପ୍ତ ବଳ ଓ ସେହି ଥାନା ଚାହାପଡା ଗ୍ରାମର ଶକ୍ତି ପ୍ରସାଦ ସିଂହଙ୍କୁ ପୋଲିସ ଗିରଫ କରିଥିଲା। ପରେ ଚୋରା ବାଇକ୍‌କୁ କିଣିଥିବା ଅଭିଯୋଗରେ ମାହାଙ୍ଗା ଥାନା ମଉଦା ଗ୍ରାମର ଭବାନୀ ସ୍ୱାଇଁଙ୍କୁ ଗିରଫ କରିଥିଲା।

## ନମକଣା ହତ୍ୟା ଘଟଣା: ଆଉ ଜଣେ ଅଭିଯୁକ୍ତ ଗିରଫ

ଭଣ୍ଡାରିପୋଖରୀ, ୨୯।୧ (ସ୍ୱ.ପ୍ର.) ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଫାଣ୍ଡି ନମକଣା ହତ୍ୟାକାଣ୍ଡ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରିଛି। ସେ ହେଲେ ଶ୍ରୀଧର ଜେନା। ୨୦୨୨ ଏପ୍ରିଲ ୨୪ରେ ଗ୍ରାମର ପୀତାମ୍ବର ଜେନା ମଞ୍ଜୁରୀରୋଡ଼ ବଜାରରୁ ଫେରୁଥିବା ବେଳେ ସନ୍ଧ୍ୟାରେ ମିଆଁ ଛକଠାରେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଶ୍ରୀଧର ଜେନା, ଭରତ ଜେନା ଓ ଅନ୍ୟମାନେ ଆକ୍ରମଣ କରିଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ।

## ବଜ୍ରଗିରି ସ୍କୁଲରେ ଏନ୍‌ଏସ୍‌ଏସ୍ ଶିବିର

କାଏମା,୨୯।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ରସାୟନ ବିଜ୍ଞାନ ଅଧାପକ ଲକ୍ଷ୍ମୀଧର ନାୟକଙ୍କ ତତ୍ତ୍ୱାବଧାନରେ ୭ ଦିନ ଧରି ଏହି ସ୍ୱତନ୍ତ୍ର ଶୀତକାଳୀନ ଶିବିର ଚାଲିଥିଲା। ଅଧ୍ୟକ୍ଷ ପତିତପାବନ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଅଧ୍ୟକ୍ଷ ଅନନ୍ତ କିଶୋର ମହାନ୍ତି ମୁଖ୍ୟ ଅତିଥି, ପ୍ରଭାସ ଚନ୍ଦ୍ର ଚୋଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ସେବାର ମହନୀୟତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଜିଲା ଏନ୍‌ଏସ୍‌ଏସ୍ ସଂଯୋଜକ ସୁଦୀପ୍ତ କୁମାର ବିଶ୍ୱାଳ, କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରମାନେ।

## ସାମନ୍ତ ସିଂହାରଙ୍କ ଲେଖନୀ ଗୁରୁତ୍ୱ ବହନ କରୁଛି

### ଯୁଗାନ୍ତର ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ, ଅଭିମନ୍ୟୁ ସାମନ୍ତ ସିଂହାର ଜୟନ୍ତୀ


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା ଓ ଅନ୍ୟମାନେ।

ଚଣ୍ଡିଖୋଲ,୨୯।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁରଠାରେ ଯୁଗାନ୍ତର ସାଂସ୍କୃତିକ ପରିଷଦର ୪୪ତମ ବାର୍ଷିକ ଉତ୍ସବ ଓ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୩ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସାଂସ୍କୃତିକ ପରିଷଦ ସଭାପତି କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କବି ତଥା ସ୍ତମ୍ଭକାର ହର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମନ୍ତ ସିଂହାରଙ୍କ କବିତା ଓ ଲେଖନୀ ଆଜିର ସମାଜ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଆଧାତ୍ମିକ ପ୍ରବକ୍ତା ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଯୋଗଦେଇ ବିଧଗ୍ଧ କବିଙ୍କ କାବ୍ୟ ନାୟିକା ରାଧା ଜଣେ ନାରୀ ନୁହନ୍ତି ସେ ଏକ କାଳ୍ପନିକ ଚରିତ୍ର ବୋଲି ଅଭିହିତ କରିଥିଲେ। ଏହି ଅବସରରେ ଶରତ ଚନ୍ଦ୍ର ସାହୁଙ୍କ ରଚିତ ପୁସ୍ତକ 'ସଂକ୍ଷିପ୍ତ ମହାଭାରତର ଗଳ୍ପ ସମ୍ଭାର'କୁ ଅତିଥି ଉନ୍ମୋଚନ କରିଥିଲେ। ପରିଷଦ ସମ୍ପାଦକ ଡ. ଭଗ୍ୟଧର ସାହୁ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ଉମାକାନ୍ତ ବଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ସଙ୍ଗଠନର ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।

୨୦୨୩ ବର୍ଷ ପାଇଁ ଯୁଗନ୍ତର ସମ୍ମାନ ହର ପ୍ରସାଦ ଦାସ ଓ ଯୁଗାନ୍ତର କଳା ସମ୍ମାନ ଗୀତିକାର ଅରୁଣ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ରଙ୍କୁ ସଂଗ୍ରାମୀ ଦୁର୍ଯ୍ୟୋଧନ ମହାପାତ୍ର ସମ୍ମାନ, ଡା. ସଞ୍ଜୟ ବେହେରାଙ୍କୁ ସଂଗ୍ରାମୀ ବିଚିତ୍ରା ନନ୍ଦ ରାୟ ସମ୍ମାନ, ଶିକ୍ଷାବିତ ଡ. ବାସୁଦେବ ଦାଶଙ୍କୁ ସଂଗ୍ରାମୀ ଅଭିମନ୍ୟୁ ମହାପାତ୍ର ସମ୍ମାନ, ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କୁ ଶିକ୍ଷାବିତ ନବଘନ ଜେନା ସ୍ମୃତି ସମ୍ମାନ, ନାଟ୍ୟକାର ହରପ୍ରସାଦ ବାରିକଙ୍କୁ ଅନନ୍ତ କିଶୋର ନାଟ୍ୟ ସମ୍ମାନ, ଶିକ୍ଷକ ରାଜକିଶୋର ଖଟୁଆଙ୍କୁ ଶିକ୍ଷାବିତ ଭଜହରି ମହାପାତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୨୨ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ନିହାରିକା ଦାସ, ଆକାଶ କୁମାର ଜେନା, ଶୁଭମ ଶତପଥୀ, ଅଲିଭା ଦାସ, ଅଙ୍କିତା ମହାପାତ୍ର, ସୁଭସ୍ମିତା ମହାନ୍ତି, ପାୟଲ ଦାଶ ଓ ଶୁଭ୍ର ବ୍ରତ ଶତପଥୀଙ୍କୁ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ



**ଜି.ଉଦୟଗିରି,୨୯।୧(ଡି.ଏନ.ଏ.):** ଜି.ଉଦୟଗିରି ବ୍ରାହ୍ମଣ ସମିତି ଏବଂ ପର୍ଶୁରାମ ବାହିନୀ ତରଫରୁ ଶ୍ରୀଆନନ୍ଦେଶ୍ୱର ମନ୍ଦିର ପରିସରରେ ଶନିବାରଠାରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି। ସମିତି ତରଫରୁ ପ୍ରଥମେ କଳସ ଯାତ୍ରା, ଅଧିବାସ, ଘୃତଯଜ୍ଞ, ପାରାୟଣ ହୋଇଥିବା ବେଳେ ସନ୍ଧ୍ୟାରେ ପ୍ରବଚନ ମହାଯଜ୍ଞ ହୋଇଥିଲା। ବରିଷ୍ଠ ପ୍ରବକ୍ତା ପଣ୍ଡିତ ଉମାକାନ୍ତ ମହାପାତ୍ର ଯୋଗ ଦେଇ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀରାମ କଥାମୃତ ଶୁଣାଇଥିଲେ। ସମିତି ତରଫରୁ ସଭାପତି ବିନୋଦ ବିହାରୀ ଦାଶ, ସଂପାଦକ ବଟକୃଷ୍ଣ ଦାଶ, ପର୍ଶୁରାମ ବାହିନୀ ସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ତ୍ତା ମନୋରଞ୍ଜନ ପତି, ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ବ୍ୟାସ ମାନସ ମିଶ୍ରଙ୍କ ସହିତ ସମିତି ତରଫରୁ ଦଣ୍ଡପାଣି ପାଢ଼ୀ, ମୋତି ପାତ୍ର, ବୁବୁଲୁ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀରାମ ଚରିତ ମାନସ ୯ ଦିନ ବ୍ୟାପୀ ହେବ। ଆସନ୍ତା ୫ ତାରିଖରେ ପୂର୍ଣ୍ଣାହୁତି କରାଯିବାକୁ ସ୍ଥିର କରାଯାଇଛି।

### ନାଗରିକ କମିଟି ଓ ଶ୍ରମିକ ସାମ୍ମୁଖ୍ୟର ସମ୍ବର୍ଦ୍ଧନା ସମାରୋହ

**ଗଞ୍ଜାମ,୨୯।୧(ଡି.ଏନ.ଏ.):** ଗଞ୍ଜାମ ସହର ସ୍ଥିତ ବଡ଼ ବଜାର ପୁରୁଣା ପାଟ୍ରୋଲ ପମ୍ପ ପଡିଆଠାରେ ଗଞ୍ଜାମ ନାଗରିକ କମିଟି ଓ ଶ୍ରମିକ ସାମ୍ମୁଖ୍ୟର ଏକ ସମ୍ବର୍ଦ୍ଧନା ସମାରୋହ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ କୃଷି ବିପଣନ ନିର୍ଦ୍ଦେଶକ ରାମଚନ୍ଦ୍ର ପଣ୍ଡା ଓ ବିଜୁ ଶ୍ରମିକ ସାମ୍ମୁଖ୍ୟ ତଥା ଜିଲା ଉପସଭାପତି ଶଙ୍କର ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ସମାରୋହରେ ଲକ୍ଷ୍ମୀ ପାଢ଼ୀ ଏବଂ ଶ୍ରମିକ ନେତା ବିଧାୟକ ବିରୋଧି ମନ୍ତବ୍ୟ ଦେଇଥିବା ଲକ୍ଷ୍ୟ କରାଯାଇଥିଲା। ରାମଚନ୍ଦ୍ର ପଣ୍ଡାଙ୍କ ୫୦ବର୍ଷର ରାଜନୈତିକ ଜୀବନୀ ଉପରେ ନେତାମାନେ ମନ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଗଞ୍ଜାମ ଏନ୍‌ଏସିର ପ୍ରାୟ ଆଗଧାଡ଼ିର ବିଜେଡି କର୍ମୀ ଓ ନେତା ଅନୁପସ୍ଥିତ ଥିବା ବେଳେ ଗଞ୍ଜାମ ବରିଷ୍ଠ ନାଗରିକ ପରିଷଦ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ, ଶିକ୍ଷକ ନେତା ରାଜେନ୍ଦ୍ର ଦାଶ, ଟି. ଗୋପି, ବ୍ରଜ ମୋହନ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ସୁବାଷ ଚୌଧୁରୀ, କିଶୋର ରେଡ୍ଡୀ, ଡିଲେଶ ରେଡି, ଶାରଦା ରେଡି ପ୍ରମୁଖଙ୍କ ସହ ଅନ୍ୟମାନେ ମଞ୍ଚାସୀନ ରହିଥିଲେ। ଏ ନେଇ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏହା ଏକ ପ୍ରହସନ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ରାୟଗଡ଼ା ଅଫିସ,୨୯।୧:** ରାୟଗଡ଼ା ନ୍ୟୁ କଲୋନୀ ଓ ଭାକୁରଗୁଡ଼ା ସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟରେ ତିନିଦିନ ଧରି ଚଳିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗ ଦେଇଥିଲେ। ଏଥିସହ ମହିଳା ବିଦ୍ୟାଳୟର ଶାରୀରିକ ପ୍ରଶିକ୍ଷିକା କ୍ୟାପଟେନ ରିତାରାଣୀ ମିଶ୍ର, ବିଦ୍ୟାଳୟର ମୁଖ୍ୟ ସର୍ବଜନିକ ପରିଚାଳନା କର୍ତ୍ତା ସମ୍ପୂର୍ଣ୍ଣା ମିଶ୍ର, ବିଦ୍ୟାଳୟର ଅଧକ୍ଷା ନାସ୍ରିନ୍ ବେଗମ, ଅଧକ୍ଷ ନିରଞ୍ଜନ ପାତ୍ର, ଉପାଧକ୍ଷ ରମେଶ ପଟ୍ଟନାୟକ, ବିଦ୍ୟାଳୟର ପରିଚାଳକ ଅକ୍ଷୟ ପ୍ରଧାନ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ୟାରେଡରେ ଭଗ ନେଇଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ପାଛୋଟି ଅଣାଯାଇଥିଲା। ଏହାପରେ ମୁଖ୍ୟ ଅତିଥି କ୍ରୀଡ଼ା ପତାକାକୁ ସମ୍ମାନର ସହ ବିଦ୍ୟାଳୟର ଅଧକ୍ଷାଙ୍କୁ ହସ୍ତାନ୍ତର କରିଥିଲେ। କ୍ରୀଡ଼ାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଅଧକ୍ଷା ବେଗମ ସୁନ୍ଦର ଅଭିଭାଷଣ ଦ୍ୱାରା ସମସ୍ତ ଛାତ୍ରୀଛାତ୍ରଙ୍କ ମଧରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଶାରୀରିକ ସୁସ୍ଥତାକୁ ଗୁରୁତ୍ୱ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପୋର୍ଟ ଟ୍ରକ୍ ମାଲିକ ସଂଘ ଆନ୍ଦୋଳନ ୧ରୁ

## ଛତ୍ରପୁର ଅଞ୍ଚଳର ଶିଳ୍ପକୁ ମାଲ ପରିବହନ ଦାବି

**ଛତ୍ରପୁର,୨୯।୧(ଡି.ଏନ୍.ଏ.)**

ଛତ୍ରପୁର ଅଞ୍ଚଳରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନଗୁଡିକୁ ମାଲ ପରିବହନ ନେଇ ବ୍ୟବସ୍ଥା କରିବାକୁ ଗୋପାଳପୁର ପୋର୍ଟ ଟ୍ରକ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷରେ ସଂଘର ଅନ୍ୟାନ୍ୟ ଦାବି ସମ୍ପର୍କରେ ଗତ ୨୧ ତାରିଖରେ ଗଞ୍ଜାମ ଜିଲାପାଳ, ଏସ୍‌ପି, ଗଞ୍ଜାମ ଆର୍‌ଟିଓ, ଛତ୍ରପୁର ତହସିଲଦାରଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଦାବିଗୁଡିକ ପୂରଣ ନ ହେଲେ ଫେବୃୟାରୀ ୧ରୁ ସଂଘ ପକ୍ଷରୁ ବିଭିନ୍ନ ପ୍ଲାଣ୍ଟରୁ ଆସୁଥିବା ଟ୍ରକ୍‌ଗୁଡିକୁ ଅଟକାଇ ରାସ୍ତା ଅବରୋଧ କରାଯିବାକୁ ସ୍ମାରକପତ୍ରରେ ଦର୍ଶାଯାଇଥିଲା ବୋଲି ରବିବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ବାହାର ଜିଲାରୁ ଆସୁଥିବା ମାଲ ପରିବହନ ଲାଗି ଟ୍ରାନ୍ସପୋର୍ଟିଂ ସଂସ୍ଥାଗୁଡିକ ପୋର୍ଟ ଟ୍ରକ୍ ମାଲିକ ସଂଘର ସଦସ୍ୟମାନଙ୍କ ଗାଡି ଲାଗି କମ୍ ଭଡା ଦେବା ସହ ଶୋଷଣ କରିଆସୁଛନ୍ତି। ଏଥିଲାଗି ଟ୍ରକରେ ମାଲ ପରିବହନ ଲାଗି ସରକାରୀ ଦର ଧାର୍ଯ୍ୟ କରିବାକୁ ସଂଘ କହିଛି। ଏଥିସହ ଛତ୍ରପୁର ଅଞ୍ଚଳରେ ଥିବା ବିଭିନ୍ନ ଶିଳ୍ପ ଓ ପ୍ଲାଣ୍ଟଗୁଡିକୁ ମାଲ ପରିବହନ ଲାଗି ପୋର୍ଟ ଟ୍ରକ୍ ମାଲିକ ସଂଘର ସଦସ୍ୟମାନଙ୍କ ଟ୍ରକ୍‌ଗୁଡିକୁ ଜିଲାର ଟ୍ରକ୍ ମାଲିକ ସଂଘ ମଧ୍ୟ ସୁଯୋଗ ଦିଆଯାଉ ନ ଥିବାରୁ ଟ୍ରକ୍ ମାଲିକମାନେ କ୍ଷତି ସହୁଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି । ଟାଟା, ଆଇଆରଇ, ଗ୍ରାସୀମ ଆଦି କମ୍ପାନୀଗୁଡିକୁ ମାଲ ପରିବହନ କରିବାକୁ ସଂଘର ସଦସ୍ୟଙ୍କ ଟ୍ରକ୍‌ଗୁଡିକୁ ସୁଯୋଗ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଜିଲାପାଳଙ୍କଠାରୁ ଆରମ୍ଭ କରି ଏସ୍‌ପି, ତହସିଲଦାର, ଆରଟିଓଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ୧ ତାରିଖରୁ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଶିବାନୀ ଶଙ୍କର ଦଳାଇ, ଉପସଭାପତି ଏସ.ଧର୍ମରାଜୁ ରେଡ୍ଡୀ, ସମ୍ପାଦକ ଜି.ଭାସ୍କର ରେଡ୍ଡୀ, କୋଷାଧ୍ୟକ୍ଷ ଆର.ମୁନା ରାଓ, କାର୍ଯ୍ୟକାରୀ ସଦସ୍ୟ ଭଗବାନ ନାହାକ, ସୁରେନ୍ଦ୍ର ସେଠୀ, ବାବୁଲି ବିଶ୍ୱାଳ, ରାଜେନ୍ଦ୍ର ନାହାକ ଓ ଚନ୍ଦନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ହୃଦ୍‌ଘାତରେ ରେଳ ବିଭାଗ ଯବାନଙ୍କ ମୃତ୍ୟୁ

**ଧରାକୋଟ,୨୯।୧(ଡି.ଏନ୍.ଏ.)**

ଧରାକୋଟ ବ୍ଲକର ଜଗମୋହନ ଗ୍ରାମରେ ରବିବାର ଜଣେ ରେଳ ବିଭାଗ ଯବାନଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ରଘୁନାଥ ବିଶ୍ୱାଳ ଓ ସତ୍ୟ ବିଶ୍ୱାଳଙ୍କ ପୁଅ ସୌଦାଗର। ସୌଦାଗର ନିଜ କାର୍ଯ୍ୟକ୍ଷେତ୍ରରୁ ଘରକୁ ଟ୍ରେନ ଯୋଗେ ଫେରୁଥିବା ବେଳେ ହଠାତ୍ ହୃଦଘାତ ହୋଇଥିଲା। ତାଙ୍କୁ ନିକଟସ୍ଥ ଗିଦମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମୃତ ଦେହକୁ କମାଣ୍ଡର ଅଶୋକ କୁମାର ଯାଦବଙ୍କ ନେତୃତ୍ୱରେ ଆମ୍ବୁଲାନ୍ସ ଯୋଗେ ଗାଁ ମାଟି ଜଗମୋହନକୁ ଅଣାଯିବା ପରେ ସତୀ ମଠ ନିକଟସ୍ଥ ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଦାହ କରାଯାଇଥିଲା। ସୌଦାଗର ୨୦୧୭ରେ ରେଲୱେ ସତନ୍ତ୍ର ସୁରକ୍ଷା ବଳରେ ଯୋଗଦେଇ ଛତିସଗଡ ରାଜ୍ୟର କାମରୁଲରେ କାର୍ଯ୍ୟ ଆରମ୍ଭ କରିଥିଲେ। ଗତ ଚଉଦ ମାସ ପୂର୍ବେ ସେ ସନ୍ଧ୍ୟାରାଣୀଙ୍କୁ ବିବାହ କରିଥିଲେ। ଗତ ଡ଼ିସେମ୍ବର ମାସରେ ତାଙ୍କର ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ନବଜାତ ଦେଢ଼ ମାସ ର ଶିଶୁ ପୁତ୍ରକୁ ଦେଖିବା ପାଇଁ ସେ ଗତ ୨୭ ତାରିଖ ଦିନ କର୍ମକ୍ଷେତ୍ର କାମରୁଲ ରୁ ଟ୍ରେନ ଯୋଗେ ଫେରୁଥିବା ବେଳେ ଦନ୍ତେୱାଡା ଷ୍ଟେଶନରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ପ୍ରମୋଦ ମହାରଣା, ବିଜେଡି ନେତା ରବୀନ୍ଦ୍ର ଘୋଷ, ଦିଲୀପ ସ୍ୱାଇଁ ପ୍ରମୁଖ ଗାଁରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।



ସୌଦାଗର ବିଶ୍ୱାଳ

# ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ



ଭାଜପା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତା ଓ କର୍ମୀ।

**ପାରଳାଖେମୁଣ୍ଡି,୨୯।୧(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟଠାରେ ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାରଳାଖେମୁଣ୍ଡି ବିଧାୟକ ତଥା ଜିଲା ଭାଜପା ସଭାପତି କେ.ନାରାୟଣ ରାଓ, ଜଗନ୍ନାଥ ମହାପାତ୍ର ଉପସଭାପତି, ବଳଭଦ୍ର ମାଝୀ ରାଜ୍ୟ ଉପ ସଭାପତି, ବରିଷ୍ଠ ନେତା ସିଦ୍ଧେଶ୍ୱର ମିଶ୍ର, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ଜିଲା ସାଧାରଣ ସମ୍ପାଦକ କାମ ଦେବ ବଡ଼ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ୭ ରାଜନୈତିକ ଚିଠା ପ୍ରସ୍ତାବ ହୋଇଥିଲା। ସେଗୁଡିକ ହେଲା ସଦର ମହକୁମାରେ ମେଡ଼ିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ, ଝାଲେର ସିଂ ଓ ସମ୍ବଲପୁର, ବେତର ସିଂ, ଟାଙ୍ଗିଲି, ପୁଡୁରଗୁଡାଠାରେ ପ୍ରାଥମିକ ଚିକିତ୍ସାଳୟ, ଦୁର୍ନୀତି ହଟାଇବା, ଚାଷିଙ୍କୁ ଏମ୍‌ଏସ୍‌ପି ବୃଦ୍ଧି, ମଣ୍ଡି ପାଇଁ ଧାନ ଗମନାଗମନ ଖର୍ଚ୍ଚ, ଅଖା ସୁତୁଲୀ କଟନୀ ଛଟନୀ ବନ୍ଦ କରିବା, ଚାଷିଙ୍କୁ ପ୍ରଦାନ କରାଯାଉଥିବା ସମସ୍ତ ପ୍ରକାର ବ୍ୟବସ୍ଥା ସୁଚାରୁରୂପେ ପ୍ରଦାନ କରିବା, ଯୋଗ୍ୟ ହିତାଧିକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା, ଡମ୍ବାପୁର ଓ ଚମ୍ପାପୁର ଅନିକଟ ପ୍ରକଳ୍ପ ଦୀର୍ଘ ୧୪ ବର୍ଷ ପରେ ମଧ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରୁ ନାହିଁ ତେଣୁ ଶୀଘ୍ର ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମାପନ କରିବା ପାଇଁ ଚେତାବନୀ ଦେଇଛି, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଗୁଡିକ ଶୋଚନୀୟ ହୋଇ ପଡି ରହିଛି ତାର ପୁନଃ ଉଦ୍ଧାର ସହ ଠିକ ଜାଗାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ନିର୍ମାଣ ପାଇଁ ଭାଜପା ଦାବି ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ପାଳ, ବାବୁନା ବେହେରା, କେ ଯୁବ ରାଜ, ସିଏଚ୍ ସୀମାଦ୍ରୀ ପ୍ରମୁଖଙ୍କ ସହ ବହୁ ଭାଜପା ନେତା ଓ କର୍ମୀ ଯୋଗ ଦେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଜି.ଉଦୟଗିରି,୨୯।୧(ଡି.ଏନ୍.ଏ.)**

ଜି.ଉଦୟଗିରି ଥାନା ଅନ୍ତର୍ଗତ ହାତିବାଲି ସାହି ସ୍ଥିତ ବାସଭବନରୁ ମୁକ୍ତିପ୍ରସାଦ (୨୬)ଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଶନିବାର ରାତିରେ ସମସ୍ତେ ଶୋଇଯିବା ପରେ ମୁକ୍ତିପ୍ରସାଦ ଫ୍ୟାନ୍‌ରେ ମା'ଙ୍କ ଶାଢ଼ିରେ ଝୁଲି ପଡ଼ିଥିଲେ। ଏହାଦେଖି ପରିବାର ଲୋକେ ବଞ୍ଚିଯିବ ଭାବି ଶାଢ଼ିକୁ କାଟିଦେଇଥିଲେ ମଧ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ପୋଲିସ ପହଞ୍ଚି ମୋବାଇଲ ସହ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୩/୨୩ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଆସନ୍ତା ଫେବୃୟାରୀରେ ମୁକ୍ତିପ୍ରସାଦଙ୍କ ବଡ଼ଭାଇଙ୍କ ବିହାଘର ହୋଇଥାନ୍ତା। କାଳେ ସେହି ଚାପରେ ମୁକ୍ତିପ୍ରସାଦ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନାଧିକାରୀ ଅନନ୍ତ କୁମାର ପ୍ରଧାନ କହିଛନ୍ତି। ଏହାର ତଦନ୍ତଭାର ଏଏସ୍‌ଆଇ ବଣ୍ଟି ଦଣ୍ଡିଆଙ୍କୁ ଦିଆଯାଇଥିବା ସୂଚନା ମିଳିଛି।

# ଦୁବାଇରୁ ଆସିଲା ଶ୍ରମିକଙ୍କ ମୃତଦେହ

**ଛତ୍ରପୁର,୨୯।୧(ଡି.ଏନ.ଏ.)**

ଦୁବାଇରୁ ଶ୍ରମିକଙ୍କ ମୃତଦେହ ତାଙ୍କ ଘର ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ସୁନ୍ଦରପୁର ପଞ୍ଚାୟତ ଅଧିନ ପାଇତାରି ଗାଁରେ ଆସି ପହଞ୍ଚିଛି। ସେ ହେଲେ ସନ୍ତୋଷ ବେହେରା(୪୧)। ଗତ ୧୮ରେ ଦୁବାଇରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ୨୧ ତାରିଖରେ ସେଠାରୁ ଫୋନ୍ ଦ୍ୱାରା ତାଙ୍କ ଭାଇ ନିରଞ୍ଜନଙ୍କୁ ଖବର ଆସିଥିଲା। ସ୍ଥାନୀୟ ପଡ଼ିଆରେ ଉକ୍ତ ଶବର ସତ୍କାର ହୋଇଛି । ତାଙ୍କ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅର୍ଜୁନ ବେହେରା ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ୨୦୧୯ରୁ ପରିବାର ପ୍ରତିପୋଷଣ ଲାଗି ସନ୍ତୋଷ ଦୁବାଇକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ।



ସନ୍ତୋଷ ବେହେରା।

# ଆତ୍ମସୁରକ୍ଷା ତାଲିମ ଶିବିର

**ଚିକିଟି,୨୯।୧(ଡି.ଏନ.ଏ.)**

ଚିକିଟି ମହାବିଦ୍ୟାଳୟ ପରିସରରେ ଏକ ସପ୍ତାହ ବ୍ୟାପୀ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ଶ୍ରବଣା ବିବେକ ଏମ୍, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଶିଶିର ପାଣିଗ୍ରାହୀ ଯୋଗଦେଇ ନାରୀର ଜୀବନ ଗଠନ ପାଇଁ ଆତ୍ମସୁରକ୍ଷା ନିହାତି ଆବଶ୍ୟକ ବୋଲି କହିଥିଲେ। ଶିବିରରେ ଶତାଧିକ ଛାତ୍ରୀଙ୍କୁ ତାଲିମଦାତା ଭାବେ ସନ୍ଧ୍ୟାରାଣୀ ମହାରଣା ଓ ଲିପ୍ସାରାଣୀ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ବଣ୍ଟାଯାଇଥିଲା। ସଂଯୋଜିକା ମଧୁସ୍ମିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଂଯୋଜିକା ଡ. ପଦ୍ମିନୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧାପିକା ଅଧାପକ ପରିଚାଳନା କରିଥିଲେ।



ଆତ୍ମରକ୍ଷା ତାଲିମ ନେଉଛନ୍ତି ଛାତ୍ରୀ।

## ପାଙ୍ଗଖଣ୍ଡା ପବ୍ଲିକ ସ୍କୁଲରେ ଚିତ୍ରକଳା ପ୍ରଦର୍ଶନୀ

**ବାଲିଗୁଡା,୨୯।୧(ଡି.ଏନ.ଏ.)**

ବାଲିଗୁଡା ସ୍ଥିତ ପାଙ୍ଗଖଣ୍ଡା ପବ୍ଲିକ ସ୍କୁଲରେ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ତଥା ବିଚାରକ ଭାବେ ଦେବବ୍ରତ ସିଂ ଦେଓ ଏବଂ ରଶ୍ମି ରଞ୍ଜନ ମହାରଣା ଯୋଗ ଦେଇ ଚିତ୍ରକଳାର ମହତ୍ୱ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଚିତ୍ରକଳା ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଦୀପକ କୁମାର ମୁଖି, ରଶ୍ମିପ୍ରଭା ଦାସ, ସ୍ମିତାରାଣୀ ବେହେରା, ଝୁନୁ ପାତ୍ର, ଚାନ୍ଦିନୀ ନାୟକ, ସବିତା ବେହେରା, ମମତା ସେନାପତି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ଅଭିଭାବକ ଅଭିଭାବିକା ମଧ ଉପସ୍ଥିତ ଥିଲେ।

# କିଟ୍, କିସ୍ ପକ୍ଷରୁ ମିନି ମାରାଥନ୍




ମାରାଥନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

**ଫୁଲବାଣୀ ଅଫିସ, ୨୯।୧**

କିଟ୍ ଓ କିସ୍ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଅବସରରେ ଫୁଲବାଣୀଠାରେ ରବିବାର ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ସକାଳୁ ବିଭିନ୍ନ ସ୍କୁଲର ପିଲାମାନେ କନ୍ଧମାଳ ଷ୍ଟାଡିୟମରେ ଏକତ୍ରିତ ହୋଇଥିଲେ । ସେଠାରେ ମିନି ମାରାଥନକୁ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ କନ୍ଧମାଳ ଷ୍ଟାଡିୟମରୁ ମାରାଥନରେ ବାହାରି ଏଫସିଆଇ ଛକ, ଗାନ୍ଧୀ ଛକ ଦେଇ କରୋନେଶନ ପଡିଆରେ ପହଞ୍ଚିଥିଲେ। ସେଠାରେ 'ସମସ୍ତଙ୍କ ପାଇଁ ଶିକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଜିଲା କ୍ରୀଡା ସଂଘ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର ଜିଲା ସହକାରୀ ସିଇଓ ଭାଗିରଥି ସେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରିକେଟ୍ ଟୁର୍ନାମେଣ୍ଟ, ଟିଗ୍ରାପଙ୍ଗା ଚାମ୍ପିୟନ୍



ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ଫୁଲବାଣୀ ଅଫିସ, ୨୯।୧**

ଖଜୁରିପଡ଼ା ବ୍ଲକ ଟିଗ୍ରାପଙ୍ଗାରେ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଟିଗ୍ରାପଙ୍ଗା ବିପକ୍ଷ କଲାଡି ଟିମ୍‌କୁ ୬ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି । କଲାଡି ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୧ରନ କରିବାକୁ ସମର୍ଥ ହୋଇଥିଲା । ଟିଗ୍ରାପଙ୍ଗା ଟିମ୍ ୧୦ ଓଭର ୨ଟି ବଲରେ ୪ ଉଇକେଟ ହରାଇ ୯୫ ରନ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ଆଲୋକ କୁମାର ଦିଗାଲ ମ୍ୟାନ ଅଫ ଦି ମ୍ୟାଚ ଏବଂ ଲୁନା ବେହେରା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଟିଗ୍ରାପଙ୍ଗା ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ, ସମିତି ସଭ୍ୟ ବିଜୟଲକ୍ଷ୍ମୀ କହଁର, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲା ସାଧାରଣ ସମ୍ପାଦକ ଶିବଶଙ୍କର ସାମନ୍ତରା, ବ୍ରହ୍ମାନନ୍ଦ ଦିଗାଲ, ନିରାକାର କହଁରଙ୍କ ସମେତ ଅନ୍ୟମାନେ ଯୋଗଦେଇ ଚାମ୍ପିୟନ ଦଳକୁ ୩୦୦୧ ଏବଂ ରନର୍ସ ଅପ ଦଳକୁ ୨୦୦୧ ଟଙ୍କା ସହ ଟ୍ରଫି, ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ନୃସିଂହନାଥ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ମୋଟ ୧୦ଟି ଟିମ୍ ଭାଗ ନେଇଥିଲେ ।

# କନ୍ଧମାଳ ଟିମ୍ ଚାମ୍ପିୟନ

## ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଛତ୍ରପୁର, ୨୯।୧(ଡିଏନଏ )**

ଛତ୍ରପୁର ଷ୍ଟାଡିୟମରେ ସନରାଇଜ ସ୍ପୋର୍ଟସ କ୍ଲବ ପକ୍ଷରୁ ଗତ ୨୨ ତାରିଖରୁ ଚାଲିଥିବା ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଫାଇନାଲରେ ଗଜପତି ଟିମ୍ ସହ ରାଣ୍ଡମ (କନ୍ଧମାଳ ) ମଧ୍ୟରେ କଡା ମୁକାବିଲା ହୋଇଥିଲା। ଗଜପତି ଟିମ୍‌କୁ ହରାଇ କନ୍ଧମାଳ ଟିମ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପ ବିଜେତା ଟିମ୍‌କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ପ୍ରେସ କ୍ଲବର ସଭାପତି ପ୍ରଶାନ୍ତ କୁମାର ମହାରଣା, କ୍ରୀଡାବିତ୍ ପୂର୍ଣ୍ଣଚନ୍ଦ୍ର ବେହେରା, ଅବସରପ୍ରାପ୍ତ ସେକ୍ସନ ଅଫିସର ପ୍ରଶାନ୍ତ କୁମାର ଶତପଥୀ, ସିଏଚ ଜନାର୍ଦ୍ଦନ ରେଡ୍ଡୀ ଯୋଗ ଦେଇଥିଲେ। ଗଜପତି ଟିମ୍‌ର ବାଦଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ କନ୍ଧମାଳ ଦଳର କିରୁଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ଦର୍ଶକ ଭାବେ ଦିନେଶ ପାତ୍ର, ବେଷ୍ଟ ନେଟର ଭାବେ ଗଜପତି ଦଳର ଦିପୁ, ବେଷ୍ଟ ନେଟର ଭାବେ ମୋହନା ଦଳର ଉଜ୍ୱଳ ଏବଂ ବେଷ୍ଟ ଦଳ ଭାବେ କାରଗିଲ ଦଳଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲ। ରେଫରି ଭାବେ ଏନ. ନରେଶ କୁମାର ଦୋରା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ମୋହନ ଓ ଭୁଜଙ୍ଗ ରାଓ ଏବଂ ଲାଇନମ୍ୟାନ ଭାବେ ପୂର୍ଣ୍ଣ ଓ ରାଜେଶ ଦାୟିତ୍ୱ ତୁଲାଇଥିଲେ। ସେହିପରି ଜି ଜୟରାମ ରେଡ୍ଡୀ ଧାରା ବିବରଣୀ ଦେଇଥିଲେ। ସନରାଇଜ ସ୍ପୋର୍ଟସ କ୍ଲବର ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ଜିଲା ଓ ଜିଲା ବାହାରର ୮ଟି ଦଳ ଅଂଶ ଗ୍ରହଣ କରିଥିଲେ ।




ଚାମ୍ପିୟନ ଟିମ୍ ସହ ଅତିଥି।

## ସଂକ୍ଷେପରେ

### ଶ୍ରୀଅରବିନ୍ଦ ପାଠଚକ୍ର କେନ୍ଦ୍ରର ବାର୍ଷିକ ସମ୍ମିଳନୀ

ବାଲିକୁଦା,୨୯।୧(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅନ୍ତର୍ଗତ ଖାଲଗାଁ ପଞ୍ଚାୟତ ଶୋଭା ଗାଁର ଶ୍ରୀ ଅରବିନ୍ଦ ପାଠଚକ୍ରର ୫୧ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶୋବନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବୀନ୍ଦ୍ର କୁମାର ରାଉତଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ରବି ଭାଇ, ନୀରଭାଇ, ଅଜୟ ଭାଇ, ଛଇଲ ଭାଇ, କାଳନ୍ଦୀ ଭାଇ, ମଧୁସୂଦନ ଭାଇ ଯୋଗଦେଇ ଶ୍ରୀମା-ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ତଥା ପୂର୍ଣ୍ଣଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। କୁଜଙ୍ଗ, କୁଞ୍ଜକୋଠୀ ମାତୃଗ୍ରାମ ଆଶ୍ରମର ତତ୍ତ୍ୱାବଧାରକ ରଞ୍ଜନ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରୋଜ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀକୁ ଶ୍ରୀନିବାସ ଶତପଥୀ ପରିଚାଳନା କରିଥିବା ବେଳେ ଶୋଭା ପାଠଚକ୍ରର ସମସ୍ତ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ।

# ବିଦ୍ୟାଳୟକୁ ୬ ମାସ ହେବ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

ନାଉଗାଁ,୨୯।୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ବଛାଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୧୬ଜଣ ପିଲା ପାଠ ପଢୁଛନ୍ତି। ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲେ ମଧ୍ୟ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଲ୍ ବାକି ରହିଛି। ଫଳରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୨୦୨୨ ଅଗଷ୍ଟଠାରୁ ବିଦ୍ୟାଳୟରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛନ୍ନ କରାଯାଇଥିବାରୁ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟଗୁଡିକର ରୂପରେଖା ପରିବର୍ତ୍ତନ କରାଯିବା ସହ ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ସହ ଉନ୍ନତ ଜ୍ଞାନ କୌଶଳ ଅବଲମ୍ବନ କରି ପାଠ ପଢାଇବା ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି। ହେଲେ ଦୀର୍ଘ ୬ ମାସ ହେବ ବିଦ୍ୟୁତ୍ ନ ଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ଥିବାରୁ ବିଦ୍ୟାଳୟରେ ଲାଗିଥିବା ବୈଦ୍ୟୁତିକ ସାମଗ୍ରୀ ଫ୍ୟାନ, ପାଣି ପମ୍ପ ଆଦି ଚାଲି ପାରୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତି ବିଦ୍ୟାଳୟରେ ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ବ୍ୟବସ୍ଥା ରହିଥିଲେ ମଧ୍ୟ ପାଣି ପମ୍ପ ଚାଲି ପାରୁ ନ ଥିବାରୁ ପିଲାମାନେ ଶୌଚାଳୟ ଯାଇ ପାରୁନାହାନ୍ତି।

ବିଦ୍ୟାଳୟରେ ୨ ଶହରୁ ଊର୍ଦ୍ଧ୍ୱ ପିଲା ପାଠ ପଢୁଥିବା ବେଳେ ପାନୀୟ ଜଳ ଓ ମଧ୍ୟାହ୍ନ ଭୋଜନରେ ସମସ୍ୟା ସୃଷ୍ଟି ହୋଇଛି। ବିଦ୍ୟାଳୟ ପରିସରରେ ଗୋଟିଏ ନଳକୂପ ରହିଛି। ପାନୀୟ ଜଳ ପାଇଁ ସମସ୍ତ ପିଲା ନିର୍ଭର କରୁଥିବା ବେଳେ ପିଇବା ପାଣି ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଉକ୍ତ ନଳକୂପ ପାଣିରେ ମଧ୍ୟାହ୍ନ ଭୋଜନ ରୋଷେଇ, ଖାଦ୍ୟ ସାମଗ୍ରୀ ଧୁଆ ହେଉଛି। ପିଲାମାନେ ହାତ ଧୋଇବା ଓ ପାଣି ପିଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ଏ ସମ୍ପର୍କରେ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ବେହେରାଙ୍କୁ ପଚାରିବାରେ ଏ ବିଷୟରେ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରାଯାଇଛି। ବିଲ୍ ପୈଠ କରାଯିବା ପରେ ବିଦ୍ୟୁତ୍ ସଂଯୋଗ ହେବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଟାଟା ପାୱାର ନାଉଗାଁ ଶାଖା ଲିଡ୍ ମ୍ୟାନେଜର ଦୀପକ ଭୂଇଁଙ୍କୁ ପଚାରିବାରେ ବିଦ୍ୟାଳୟରେ ଦୀର୍ଘଦିନ ହେବ ବିଦ୍ୟୁତ୍ ବିଲ୍ ପୈଠ କରାଯାଇନାହିଁ। ଏ ବିଷୟରେ ବିଦ୍ୟାଳୟକୁ ଅବଗତ କରାଯାଇଥିଲା। ସଂଯୋଗ ବିଚ୍ଛିନ୍ନ ପରେ ପ୍ରଧାନ ଶିକ୍ଷକ ଆସି ଅଣ୍ଡରଟେକିଂ ଲେଖି ମାର୍ଚ୍ଚ ମଧ୍ୟରେ ବିଲ୍ ପୈଠ କରିବାକୁ କହିଥିଲେ। କିନ୍ତୁ ବିଲ୍ ପୈଠ କରାଯାଇ ନ ଥିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ରହିଛି।




**ବଛାଲୋ ସରକାରୀ ଉଚ୍ଚ ବିଦ୍ୟାଳୟ**

- ବିଦ୍ୟୁତ୍ ବିଲ୍ ପୈଠ କରାଯାଇନି
- ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି

### 'ରାଜମାତାଙ୍କୁ ଉଚିତ ସମ୍ମାନ ମିଳିନାହିଁ'



ପାରାଦୀପ,୨୯।୧(ସ୍ୱ.ପ୍ର.): ରାଜ୍ୟର ପ୍ରଥମ ମହିଳା ବିଧାୟିକା ତଥା ପାରାଦୀପଗଡ ରାଜମାତା ରତ୍ନମାଳୀଙ୍କ ଜେମାଙ୍କ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱାଳୀ ଗ୍ରାମରେ ଅଣତିରିଶ ମୌଜା ସଙ୍ଗଠନ ପକ୍ଷରୁ ଏହି ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ ହୋଇଥିଲା। ଏଥିରେ ସଙ୍ଗଠନର ସଭାପତି ପ୍ରଭାତ ସାହୁ ଯୋଗଦେଇ କହିଥିଲେ, ପାରାଦୀପ ବନ୍ଦର ଯେପରି ସମସ୍ତ ପ୍ରତିଷ୍ଠାତାଙ୍କୁ ସମ୍ମାନ ଜଣାଇ କାର୍ଯ୍ୟକ୍ରମ କରୁଛନ୍ତି, ସେପରି ଉଚିତ ସମ୍ମାନ ଏପର୍ଯ୍ୟନ୍ତ ରାଜମାତାଙ୍କୁ ମିଳିନାହିଁ। ଏନେଇ ବନ୍ଦର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ କପିଳଦେବ ତରାଇ, ସୁମନ୍ତ ବେହେରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# 'ଜନତାଙ୍କ ଭଲପାଇବା ଯୋଗୁ କ୍ଷମତାରେ ରହିଛି ବିଜେଡି'

ରଘୁନାଥପୁର,୨୯।୧(ଡି.ଏନ୍.ଏ.)

ରଘୁନାଥପୁର ମାଘିମେଳା ପଡ଼ିଆରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ବିଧାୟକ ବିଜୟଶଙ୍କର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ତଥା ରାଜ୍ୟ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ସହ ମହିଳା ଓ ଯୁବ ଛାତ୍ରଙ୍କ ଭଲ ପାଇବା ଯୋଗୁ ଦଳ ଦୀର୍ଘ ବର୍ଷ ହେବ କ୍ଷମତା ରହିବାରେ ସମ୍ଭବ ହୋଇଛି ବୋଲି କହିଥିଲେ। ସେହିପରି କେନ୍ଦ୍ର ପକ୍ଷରୁ ହୋଇଥିବା ଆବାସ ଯୋଜନା ରାଜ୍ୟ ପାଇଁ ଉପହାସ ସଦୃଶ ବୋଲି ସେ ମତବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେଉଥିବାର ଡିଣ୍ଡିମ ପିଟୁଥିବାବେଳେ, ଏହାର ଗାଇଡ ଲାଇନ ଅନୁସାରେ ୮୦ ପ୍ରତିଶତ ଲୋକ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ମୁଦୁଲି କହିଥିଲେ। ଏନେଇ ଆଗାମୀ ଦିନରେ ଯୋଗ୍ୟ ହିତାଧିକାରୀଙ୍କୁ ବହୁ ପରିମାଣରେ ବିଜୁପକ୍କା ଗୃହ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବ୍ୟବସ୍ଥା କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ।

ଅନ୍ୟତମ ଅତିଥି ଭାବେ ଏମ୍‌ପି ଡା.ରାଜଶ୍ରୀ ମଲ୍ଲିକ ଯୋଗଦେଇ ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରାଇବାରେ ମୁଖ୍ୟମନ୍ତ୍ରୀ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟସଭା ସଦସ୍ୟ ମୁନା ଖାଁ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ବିଜୟ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଯୁବନେତା ରମାକାନ୍ତ ଭୋଇ, ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ସଭାପତି ରବି ନାରାୟଣ ରାଉଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବିନାରାୟଣ ଜେନା, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସଭାପତି ଗଙ୍ଗାଧର ବିଶ୍ୱାଳ, ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଦଳକୁ ଆଗେଇ ନେବାକୁ ଏକଜୁଟ୍ ହେବାକୁ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଦଳର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଜିଲା ସଭାପତି ମୁଦୁଲି କେକ କାଟିଥିଲେ।

**ବିଳମ୍ବରେ ଆରମ୍ଭ ହେବାରୁ ଅସନ୍ତୋଷ**

ସଭା କାର୍ଯ୍ୟ ପ୍ରାୟ ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଏନେଇ ମହିଳାମାନେ ଦୀର୍ଘ ସମୟ ଧରି ଅପେକ୍ଷା କରି ଅସନ୍ତୋଷବ୍ୟକ୍ତ କରିଥିଲେ।

**୪ ନିମନ୍ତ୍ରିତ ଅତିଥି ଯୋଗଦେଲେନି**

ସଭାରେ ଯୋଗଦେବାକୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ଜଗତ୍‌ସିଂହପୁର ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ, ପ୍ରସନ୍ନ ଆଚାର୍ଯ୍ୟ ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମାତ୍ର ସେମାନେ ଏହି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ।


ବିଜେଡି ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ନେତୃମଣ୍ଡଳୀ ଓ କର୍ମକର୍ତ୍ତା।

# ସ୍ୱାଧୀନତା ସଂଗ୍ରାମୀ କଳ୍ପତରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

ବିରିଡି,୨୯।୧(ଡି.ଏନ.ଏ)

ଅବିଭକ୍ତ କଟକ ଜିଲାର ବାଗଲପୁର ଗ୍ରାମ ସ୍ୱାଧୀନତା ସଂଗ୍ରାମର ଅନ୍ତୁଡିଶାଳ। ଏହି ଗ୍ରାମ ୧୮ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଜନ୍ମ ଦେଇଛି। ତେଣୁ ଏ ମାଟି ଧନ୍ୟ । କଳ୍ପତରୁ ବାବୁ ଗରିବ ହରିଜନମାନଙ୍କ ସାଥୀ ଥିଲେ। ସେ ଛୁଆଁ ଅଛୁଆଁ ଭେଦଭାବକୁ ଭୁଲି ଗରିବଙ୍କ ସେବା କରୁଥିଲେ। ଗାଁ ଗାଁରେ କିପରି ଅରଟରେ ସୂତା କଟାହେବ ତାହା ଦେଖୁଥିଲେ ଓ ବିଦେଶୀ ଜିନିଷକୁ ବର୍ଜନ କରିବା ପାଇଁ ସମସ୍ତଙ୍କୁ ସଚେତନ କରାଉଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବକ୍ତାମାନେ ତାଙ୍କ ସ୍ମୃତି ଚାରଣ ସଭାରେ ଆହ୍ୱାନ ଦେଇଥିଲେ। ସଂଗ୍ରାମୀ କଳ୍ପତରୁ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ବାଗଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ସ୍ୱର୍ଗତ କଳ୍ପତରୁ ଦାସଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ କବିତା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରାଧାପକ ଡ. ଶ୍ରୀଚରଣ ଦାସ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ କିଶୋର ଚନ୍ଦ୍ର ମହାନ୍ତି, ଅନ୍ୟତମ ଅତିଥି ଭାବେ ଇଂ.ଦର୍ପନାରାୟଣ ଦାସ, ନିକୁଞ୍ଜ ବିହାରି ଭଞ୍ଜ, ପ୍ରବାସୀ ଡା. ମନୋରଞ୍ଜନ ପଟ୍ଟନାୟକ, ପ୍ରବାସୀ ଇଂ. ଧ୍ୟାନରଞ୍ଜନ ପଟ୍ଟନାୟକ, ପ୍ରବାସୀ କ୍ରିକୋଲିଜା, ଡା. ମିନତି ପଟ୍ଟନାୟକ, ଇଂ. ବିଜୟ କୁମାର ଦାସ, ସ୍ମୃତି କମିଟିର ପୃଷ୍ଟପୋଷକ ଡା. ଦୀପ୍ତି ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କଳ୍ପତରୁ ମେମୋରିଆଲ ଟ୍ରଷ୍ଟ ତରଫରୁ ଇଂ.ଦର୍ପନାରାୟଣ ଦାସଙ୍କୁ ସମାଜସେବା ପାଇଁ ଲାଇଫ ଟାଇମ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯିବା ସହ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଜଗତ୍‌ସିଂହପୁରରେ ହାଭେଲ୍ସର ୩୧ତମ ବ୍ରାଣ୍ଡ୍ ଷ୍ଟୋର



ଭୁବନେଶ୍ୱର,୨୯।୧

ଦେଶର ପ୍ରମୁଖ ଘରୋଇ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦନ କମ୍ପାନୀ ହାଭେଲ୍ସର ଆଉ ଏକ ବ୍ରାଣ୍ଡ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରି କି ଓଡ଼ିଶା ବଜାରରେ କମ୍ପାନୀ ପକ୍ଷରୁ ୩୧ତମ ଷ୍ଟୋର 'ହାଭେଲ୍ସ ଗ୍ୟାଲେରି' ଜଗତ୍‌ସିଂହପୁର ସହରର ଚର୍ଚ୍ଚିକା ବଜାରଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ସଚ୍ଚିଦାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବିଜନେସ୍ ହେଡ୍(ଓଡ଼ିଶା) ଦେବାଶିଷ ମିତ୍ରଙ୍କ ସମେତ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଜଗତ୍‌ସିଂହପୁର ସହରର ଗ୍ରାହକଙ୍କୁ ଏହି ଷ୍ଟୋର ଏଣ୍ଡ୍ ଟୁ ଏଣ୍ଡ୍ ସଲ୍ୟୁଶନ ଯୋଗାଇବା ସହ ଗୁଣାତ୍ମକ ସାମଗ୍ରୀ ଓ ବିକ୍ରି ପରବର୍ତ୍ତୀ ସେବା ଯୋଗାଇଦେବ। ବିଶେଷକରି ଗ୍ରାହକଙ୍କ ଇଲେକ୍ଟ୍ରିକାଲ୍ ଉତ୍ପାଦ ଆବଶ୍ୟକତା ପୂରଣରେ ଏହା ବେଶ୍ ସହାୟକ ହେବ।

## ପ୍ରାଦେଶିକ ଖେଳକୁଦ ସମାରୋହ ଆରମ୍ଭ


ଉଦ୍‌ଘାଟନୀ ସମାରୋହରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ପାରାଦୀପ,୨୯।୧(ସ୍ୱ.ପ୍ର.)

ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ଶନିବାର ପ୍ରାଦେଶିକ ଖେଳକୁଦ ସମାରୋହ ଶନିବାରଠାରୁ ଆରମ୍ଭ ହୋଇଛି। ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ୩ ଦିନିଆ ଖେଳକୁଦରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୩୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏହାକୁ ୫୦ ଜଣ କ୍ରୀଡ଼ା ପ୍ରଶିକ୍ଷାର୍ଥୀ ଓ ୨୫ ଜଣ କର୍ମକର୍ତ୍ତା ପରିଚାଳନା କରୁଛନ୍ତି। ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ପ୍ରମୁଖ କର୍ମକର୍ତ୍ତା ଦିବାକର ଘୋଷ, କିଶୋରଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଦେବଦତ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋମତି ଆଶ୍ରମରେ ସର୍ବଭାରତୀୟ ସାଧୁସନ୍ଥ ସମ୍ମିଳନୀ

ରଘୁନାଥପୁର,୨୯।୧(ଡି.ଏନ୍.ଏ.)

ରଘୁନାଥପୁର ନିକଟସ୍ଥ ସିଲ ନବଗ୍ରାମର ଗୋମତି ଆଶ୍ରମରେ ସର୍ବଭାରତୀୟ ସାଧୁସନ୍ଥ ସମ୍ମିଳନୀ, ଶ୍ରୀମଦ୍ ଭଗବତ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ହରିନାମ ସଂକୀର୍ତ୍ତନ ରବିବାରଠାରୁ ଆରମ୍ଭ ହୋଇଛି। ୭ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଅପରାହ୍ନରେ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ପୁରୁଷମାନେ କଳସରେ ପାଣି ଆଣି ଆଶ୍ରମ ପରିସରରେ ପହଞ୍ଚି ଘଟ ସ୍ଥାପନ କରିଛନ୍ତି। ଏଥିସହ ଶୁଭାଧିବାସ ଆରମ୍ଭ ହୋଇଥିଲା। ଫେବୃୟାରୀ ୨ରେ ଶଙ୍କରାଚାର୍ଯ୍ୟ

**ଫେବୃୟାରୀ ୨ରେ ଶଙ୍କରାଚାର୍ଯ୍ୟ ଆସିବେ**

ଜଗତ୍‌ଗୁରୁ ନିଶ୍ଚିଳାନନ୍ଦ ସରସ୍ୱତୀ ଏଠାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ବାବା ଅକ୍ଷୟ ଦେବଦାସ ମହାରାଜ, ନିମାଇଁ ଚରଣ ଦାସ ଓ ବୈଷ୍ଣବ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଛି। ଅଜିତ ମୁଖାର୍ଜୀ, ପ୍ରଦୀପ୍ତ ଆଚାର୍ଯ୍ୟ ଓ ଅଭିନନ୍ଦନ ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ଗୋଲ୍ଡ ମେଡାଲିଷ୍ଟ ଐଶ୍ୱର୍ଯ୍ୟାଙ୍କୁ ଶୁଭେଚ୍ଛା


ସମାବର୍ତ୍ତନ ଉତ୍ସବରେ ସ୍ୱର୍ଣ୍ଣପଦକ ପୁରସ୍କାର ଗ୍ରହଣ କରୁଛନ୍ତି।

ବାଲିକୁଦା,୨୯।୧(ସ୍ୱ.ପ୍ର.)

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସ୍ନାତକୋତ୍ତର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ବାଲିକୁଦାର ଝିଅ ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ। ଚଳିତବର୍ଷ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ଏହି ସ୍ୱର୍ଣ୍ଣ ପଦକ ସହ ମାନପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ଐଶ୍ୱର୍ଯ୍ୟା ପୂର୍ବବର୍ଷ ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଶ୍ରେଷ୍ଠ ସ୍ନାତକ ରୂପେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ବାଲିକୁଦା ଅଞ୍ଚଳର ଜଣାଶୁଣା ଆଇନଜୀବୀ ବଡ଼ଗାଁ ପଞ୍ଚାୟତ ନୂଆଗାଁ ଗ୍ରାମର ଅଭିରାମ ବେହେରା ଓ ବିଡି ନିଶ୍ଚିନ୍ତକୋଇଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପିତା ଜେନାଙ୍କ ଝିଅ। ତାଙ୍କର ଏହି ସଫଳତା ପାଇଁ ବାଲିକୁଦା ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ଐଶ୍ୱର୍ଯ୍ୟାଙ୍କ ସଫଳତା ପାଇଁ ବାଲିକୁଦାର ବରିଷ୍ଠ ନାଗରିକ ସୁରେନ୍ଦ୍ର ନାଥ ବିଶ୍ୱାଳ, ବୀରନାରାୟଣ ପାତ୍ର, ପ୍ରହ୍ଲାଦ ନାୟକ, ଯୁଗଳ ମହାନ୍ତି, ପାର୍ଥ ସାରଥି ଦାସ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଏଲୋପାଥିକ ନୁହେଁ ଆୟୁର୍ବେଦିକକୁ ମାଧ୍ୟମ କର'

ଜଗତ୍‌ସିଂହପୁର ଅଫିସ, ୨୯।୧

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ନହରଣାସ୍ଥିତ ସୀତାରାମ ସେବାଶ୍ରମ ପରିସରରେ ପାଖାପାଖି ୫୦୦ ପ୍ରକାର ଔଷଧୀୟ ବୃକ୍ଷ ଦେଖିବାକୁ ମିଳେ । ଏହା ଏକ ନିଆରା ପରିବେଶ ସୃଷ୍ଟି କରୁଛି । ଏହାର ଆବଶ୍ୟକତା ଉପରେ ଆଶ୍ରମର ମୁଖ୍ୟ ତଥା ବାବା ରାମ ପଙ୍କଜ ଦାସ ମହାରାଜ ଗୁରୁତ୍ୱ ଦେଇ କହିଛନ୍ତି, ଲୋକେ ପ୍ରାୟତଃ ଏଲୋପାଥିକ ଔଷଧ ଉପରେ ନିର୍ଭର କରୁଥିବା ବେଳେ ଅତୀତରେ ଚେରମୂଳି ଓ ମୂଲ୍ୟବାନ ପତ୍ରର ଚାହିଦା ବହୁତ ଥିଲା। ଏନେଇ ଆୟୁର୍ବେଦିକକୁ ମାଧ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଧରିତ୍ରୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ବାବା କହିଛନ୍ତି, ସମ୍ପ୍ରତି ଏକ ସୁସ୍ଥ ସମାଜ ଗଠନ କରିବା ଆମ ସମସ୍ତଙ୍କ ଦାୟିତ୍ୱ । ଅସ୍ୱାସ୍ଥ୍ୟକାର ପରିବେଶ ଓ ଖାଦ୍ୟ ଆମ୍ଭମାନଙ୍କ ଜିବନକୁ ଦୁର୍ବିଷହ କରିଦେଉଛି। ଏବେ ସୁସ୍ଥ ଜୀବନଯାପନ କରିବା ପ୍ରତ୍ୟେକଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଯାଇଛି। ତେଣୁ ଆମେ ପ୍ରତ୍ୟେକ ଆଧାତ୍ମିକବାଦୀ ହେବା ସହ ସୁସ୍ଥ ପରିବେଶ ରଖିବା ପାଇଁ ଉଦ୍ୟମ କରିବା ଜରୁରୀ। ସେ କହିଥିଲେ, କଫ ଓ ବାତ ନିୟନ୍ତ୍ରଣ ହୋଇପାରିଲେ ମଣିଷ ସୁସ୍ଥ ଜୀବନଯାପନ କରିପାରିବ । ଅଶ୍ୱଗନ୍ଧା, ଗନ୍ଧ ଶୁଣ୍ଠି, ତାଡି ଚନ୍ଦନ, ଲିମ ତୁଳସୀ, କର୍ପୂର ତୁଳସୀ, ରାମ ତୁଳସୀ କାଢ଼ା କରି ପିଇଲେ କଫ ଓ ବାତ ନିୟନ୍ତ୍ରଣ ରହିବ । ନପୁଂସକତା ଦୂର ସାଙ୍ଗକୁ ଜୀବନର ଶକ୍ତି ବୃଦ୍ଧି ପାଇଁ ଶ୍ୱେତ ମୁଷିକି ବହୁତ ଗୁରୁତ୍ୱପୂର୍ଣ୍ଣ । ତଣ୍ଟି ଯନ୍ତ୍ରଣା ଓ ଅଣ୍ଡୋରୁ ମୁକ୍ତି ପାଇଁ ଗୁଡବଚ ସହାୟକ ହୁଏ। ସାପ କାମୁଡିଲେ ସର୍ପ ଗୌଡ଼ା କ୍ଷୀର କିଛି ସମୟ ପାଇଁ ସୁରକ୍ଷା ଦେଇଥାଏ। ଗୋବିନ୍ଦ ଗନ୍ଧ ଗଛ ଥିଲେ ସାପ ପ୍ରବେଶ କରିବେନି । ପଥୁରି ରୋଗ ପାଇଁ ପଥର ଚଟା, ହୃତରୋଗ ପାଇଁ ଅର୍ଜୁନ, ଡାଇବେଟିସ୍ ପାଇଁ ଇନସୁଲିନ୍ ପତ୍ର ଷ୍ଟିଭିଆ, କେଶ ପାଇଁ କେଶ ବର୍ଦ୍ଧନୀ, ଅର୍ଶ ପାଇଁ ଆଇପାନ ଓ ମାନସିକ ଶକ୍ତି ପାଇଁ ବ୍ରାହ୍ମି ବେଶ୍ ଉପକାରୀ । ହାଡରେ ଆଘାତ କିମ୍ବା ଦରଜ ହୋଇଥିଲେ ହାଡମୋଡା ଲେପ ଦିଆଯାଏ। କିଡ୍‌ନୀ ପାଇଁ ହେମ ସାଗର ଗୋଟେ ପତ୍ର ସପ୍ତାହରେ ଥରେ ସେବନ କଲେ ଏହି ରୋଗରୁ ଉପଶମ ମିଳେ । ମଞ୍ଜୁଆତି, ଅଁଳା, ତ୍ରିଫଳି, ଡାଲଚିନି, ଗୁଜୁରାତି, ଲବଙ୍ଗ, ଜୁଆଣୀ, ଜାଇଫଳ, ଛତୁଆଶୀ, ଭୃତ କୁଆଁରୀ, ଅର୍ଜୁନ, ମୁଚୁକୁନ୍ଦ, ଅଗସ୍ତି, ଲୋନୀ ଓ ଗୋଷ୍ଟାଭ୍ୟା ଆଦି ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ଉଦମ୍ବର, ରୁଦ୍ରାକ୍ଷ, ଜରି ଆଦି ଯଜ୍ଞ କାମରେ ଲାଗେ । ରକ୍ତମୁଖୀ ପିଜୁଳି ଲାଲ ଓ ଉପକାରୀ। ଲାଲ ଚନ୍ଦନ ମଥାରେ ଲଗାଇଲେ ମୁଣ୍ଡ ଥଣ୍ଡା ରୁହେ । ଗୁଗୁଲ ଗଛ, ଅଶୋକ, ପିପରମେଣ୍ଟ, ହରିଚମ୍ପା ବିରଳ। ପାରିଜାତ କିଡ୍‌ନୀ ଆଦି ପାଇଁ ବହୁତ ଲାଭଦାୟକ । ରାସ୍ନାଯୋଡି କାଢ଼ା କରି ପିଇଲେ ଏହାର ଉପକାର ଅନୁଭବ କରିହୁଏ । ଶାଗ, ତରକାରି ଆଦିକୁ ଲାଲ କରିବା ପାଇଁ କୁଙ୍କୁମ ବ୍ୟବହାର କରାଯାଏ। ଡାଳି ଚନ୍ଦନର ବାସ୍ନା ଓ ଫୁଲ ନିଆରା । ସାଧାରଣତଃ ଆମ ଅଞ୍ଚଳରେ ହରିଡ଼ା ମିଳେନି । ନୋନି କିଲୋଗ୍ରାମ ପ୍ରତି ଦର ୩ ହଜାର ଟଙ୍କା । ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ ରୋଗରୁ ମୁକ୍ତି ଦେବାରେ ସହାୟକ ହୋଇଥାଏ । ସେହିପରି କର୍କଟ ଓ ଅନ୍ୟ ରୋଗଗୁଡିକର ଯନ୍ତ୍ରଣାରୁ ମୁକ୍ତି ପାଇଁ ଅନେକ ପ୍ରକାର ଔଷଧୀୟ ବୃକ୍ଷ ରହିଛି । ମଲଟି ଭିଟାମିନ ଥିବା ଗଛର ପତ୍ର ଓ ଚେର ମଧ୍ୟ ରହିଛି। ପିଲାଙ୍କୁ ଡର ନ ଲାଗିବା ପାଇଁ ବିଲେଇ ଲାଞ୍ଜ ସହାୟକ ହୁଏ। ସମି ପୂଜାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବାବଦରେ ବ୍ୟବହୃତ ହୋଇଥାଏ । ପଞ୍ଚ ପଲ୍ଲଭର ଶ୍ରେଷ୍ଠ କୁହାଯାଉଥିବା ନାଗେଶ୍ୱର ମଧ୍ୟ ଆଶ୍ରମରେ ରହିଛି। କରୋନା ସମୟରେ ଅନେକଙ୍କୁ ଅସ୍ତି ମିଳି ନ ଥିଲା, ତେଣୁ ଶାସ୍ତ୍ର ଅନୁଯାୟୀ ପଲ୍ଲାସ ଡାଳ ଖଣ୍ଡେକୁ ଅସ୍ତି ରୂପରେ ଗ୍ରହଣ କରି ଅନ୍ୟାନ୍ୟ କ୍ରିୟା କର୍ମ କରାଯାଏ। ଶିବରାତ୍ରିରେ ବ୍ରହ୍ମ କମଳ ଫୁଲର ମୂଲ୍ୟ ଅବର୍ଣ୍ଣନୀୟ। ଧନନ୍ତ୍ୱରୀ, ଓଲଟ କମଳ, ମେହେଗା, ଆପଲ ବେରୀ, କୁଙ୍କୁମ ମଧ୍ୟ ଉପକାରୀ। ଏହିଭଳି ଔଷଧୀୟ ବୃକ୍ଷ ସହ ଆଶ୍ରମରେ ଅଙ୍ଗୁର, ସେଓ, ସପେଟା, ଡାଳିଆ, ତେଜପତ୍ର, ମହୁଲି ଓ କୁଆବଳି ସମେତ ଅନେକ ପ୍ରକାର ଫୁଲ ଫଳ ଗଛ ଦେଖିବାକୁ ମିଳିଛି। ଏଭଳି ପତ୍ୟେକ ବ୍ୟକ୍ତି ନିଜ ବାରି ଓ ଆଖପାଖ ଅଞ୍ଚଳରେ ଔଷଧୀୟ ବୃକ୍ଷ ଲଗାଇଲେ ତା'ର ବହୁମୁଖୀ ଉପକାରିତା ପାଇପାରିବ ବୋଲି ବାବା ଦାସ ମହାରାଜ କହିଛନ୍ତି।

**ସୀତାରାମ ସେବାଶ୍ରମରେ ୫୦୦ ପ୍ରକାର ଔଷଧୀୟ ବୃକ୍ଷ**


ବାବା ରାମପଙ୍କଜ ମହାରାଜ ଔଷଧୀୟ ବୃକ୍ଷ ଦେଖାଉଛନ୍ତି।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ଚଢ଼େଇଧରା,୨୯।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅଧୀନ ମଧୁପୁରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୭୪ତମ ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଆଶାତରୁ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୁବ୍ରତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସମ୍ମିଳନୀର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟ ଉପସଭାପତି କୁମୁଦିନୀ ଧୀର ସାମନ୍ତ ସିଂ, କୋଷାଧକ୍ଷା ମହାଶ୍ୱେତା ଦାଶ ଓ ସଭ୍ୟ ଦେବ ରଞ୍ଜନ ବାରିକ ଯୋଗଦାନ କରିଥିଲେ। ସଭାରେ ବହୁସଂଖ୍ୟାରେ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଆଚାର୍ଯ୍ୟାଆଚାର୍ଯ୍ୟ ଓ ଅନ୍ୟମାନେ ସହଯୋଗ କରିଥିଲେ। ସମ୍ପାଦକ ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଜନସଚେତନତା କାର୍ଯ୍ୟକ୍ରମ

ସିଂହପୁର,୨୯।୧(ଡି.ଏନ.ଏ.):ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରଠାରେ ମହିଳା କୃଷି ସମୃଦ୍ଧି ସମବାୟ ସମିତି ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟା ଦମୟନ୍ତୀ ରାଉତ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷାବିତ୍ ଶ୍ରୀହରି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ ଜେନା, ଉଦ୍ୟୋକ୍ତା ବସନ୍ତ ସାହୁ ଯୋଗ ଦେଇଥିଲେ। ମହିଳା ସମିତି ପଞ୍ଚାୟତର ସାଧାରଣ ଲୋକଙ୍କ ସମସ୍ୟାରେ ସହଯୋଗର ହାତ ବଢ଼ାଇବା ସହ ଚାରାରୋପଣ, କରୋନା ସଚେତନତା ଓ ନିଶା ନିବାରଣ କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କୁ ସଚେତନ କରାଇଛି। ମହିଳାଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ ଶୋକ

ପାଣିକୋଇଲି,୨୯।୧(ଡି.ଏନ.ଏ.): ବିଶିଷ୍ଟ ସାହିତ୍ୟିକ, ବାଗ୍ମୀ, ରାଜନେତା, ଓଡ଼ିଆ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ଡ. ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ 'ଚାହାଣୀ' ସାହିତ୍ୟ ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତାଙ୍କ ପରଲୋକରେ ଓଡିଆ ସାରସ୍ୱତ ଜଗତରେ ଏକ ବିଶାଳ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଚାହାଣୀ ସାହିତ୍ୟ ମଞ୍ଚ ଓ ପରିବାର ସହ ତାଙ୍କର ନିବିଡ ସମ୍ପର୍କ ଥିଲା। ଚାହାଣୀ ପତ୍ରିକାର ପ୍ରତି ସଂଖ୍ୟାରେ ଗାନ୍ଧୀଙ୍କ କବିତା, ଆଲୋଚନା ପ୍ରକାଶ ପାଇଛି ବୋଲି ଚାହାଣୀର ସମ୍ପାଦକ ତଥା ଅଧ୍ୟାପକ ଡ. ଚନ୍ଦ୍ରକାନ୍ତ ମହାନ୍ତି ପ୍ରକାଶ କରିବା ସହ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ଗାନ୍ଧୀଙ୍କ ବିୟୋଗରେ ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ ଓ ଡା. ନିର୍ମଳ ରଥ ମଧ୍ୟ ଶୋକ ପ୍ରକାଶ ପରିଛନ୍ତି।

# କାନ୍ଦୁଛନ୍ତି ଶିଳ୍ପ ବିସ୍ଥାପିତ ପରିବାର

- ୭ ବର୍ଷ ପରେ ବି ସ୍ଥାନୀୟ ନିଯୁକ୍ତି ତଦନ୍ତ ହେଲାନି
- ନରମି ଯାଉଛନ୍ତି ଆନ୍ଦୋଳନକାରୀ
- ରାଜନେତାଙ୍କ ନିୟନ୍ତ୍ରଣରେ ନିଯୁକ୍ତି

ଯାଜପୁର ଅଫିସ,୨୯।୧

ନବେ ଦଶକରେ ସ୍ଥାନୀୟ ନିଯୁକ୍ତି ଏବଂ ପାରିପାର୍ଶ୍ୱିକ ଉନ୍ନୟନ ଆଶା ରଖି ଶିଳ୍ପ କାରଖାନାକୁ ସ୍ୱାଗତ କରିଥିବା କଳିଙ୍ଗନଗର ଅଞ୍ଚଳର କେତେକ ବିସ୍ଥାପିତ ପରିବାର ଏବେ କାନ୍ଦୁଛନ୍ତି। ନିଜର ହକ୍ ପାଇଁ ଦାବି, ଆନ୍ଦୋଳନ ଆଦି ହେଉଥିଲେ ହେଁ କାରଖାନା କର୍ତ୍ତୃପକ୍ଷ, ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ କଳେବଳେ କୌଶଳେ ତାହାକୁ ଚାପି ଦେଉଥିବା ଦେଖିବାକୁ ମିଳିଛି। ୭ ବର୍ଷ ତଳେ ନିଷ୍ପତ୍ତି ହୋଇଥିବା ସ୍ଥାନୀୟ ନିଯୁକ୍ତିକୁ ନେଇ ପ୍ରଶାସନିକସ୍ତରରେ କୌଣସି ତଦନ୍ତ ହେଉ ନ ଥିବାରୁ ଶିଳ୍ପ କର୍ତ୍ତୃପକ୍ଷ ଯେଉଁ ରିପୋର୍ଟ ଦେଉଛନ୍ତି ତାକୁ ଆଖିବୁଜି ଗ୍ରହଣ କରାଯାଉଛି। ଏହାବାଦ୍ କେତେକ ସାମାଜିକ ଅନୁଷ୍ଠାନ ଆନ୍ଦୋଳନ କରିବା ପରେ ସେମାନେ କୌଣସି ଚାପ କିମ୍ବା ଭିତିରି ବୁଝାମଣା କରି ପରବର୍ତ୍ତୀ ସମୟରେ ନରମି ଯାଉଛନ୍ତି। ଜିଲାରେ ବିରୋଧି ଦଳ ଏକପ୍ରକାର ନିଷ୍କ୍ରିୟ ହେବାର ସୁଯୋଗ ନେଇ କେତେଜଣ ନିର୍ବାଚିତ ଜନ ପ୍ରତିନିଧି ଖଣି ଏବଂ ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତି ସମେତ ଠିକାସଂସ୍ଥା, ପରିବହନ ଆଦି କ୍ଷେତ୍ରକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଏହି କ୍ରମରେ ମେସ୍କୋ ଷ୍ଟିଲ କାରଖାନା ଗତ ୩ ବର୍ଷ ହେଲା ବନ୍ଦ ପଡିଥିବାରୁ ଜମି, ଜଙ୍ଗଲ, ଜଳ ହରାଇଥିବା ସଂପୃକ୍ତ ବିସ୍ଥାପିତ ପରିବାର ଜୀବିକା ହରାଇ ଏବେ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଅନ୍ୟପକ୍ଷେ କଳିଙ୍ଗନଗରର ଅନ୍ୟାନ୍ୟ କେତେକ ଶିଳ୍ପାନୁଷ୍ଠାନରେ ଅଣଓଡ଼ିଆ ଅଧିକାରୀଙ୍କ ମାନସିକ ନିର୍ଯାତନା ସହି ନ ପାରି ଅଧିକାଂଶ ଓଡ଼ିଆ କର୍ମଚାରୀ ଓ ଶ୍ରମିକ କାମ ଛାଡୁଥିବା ଅଭିଯୋଗ ହେଉଛି।

କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦା ଖଣିଗୁଡିକରେ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟ ରଖି ସମ୍ପ୍ରସାରଣ କରାଯାଉଛି। ହେଲେ ସ୍ଥାନୀୟ ନିଯୁକ୍ତି ସଂଖ୍ୟା ବଢିବା ପରିବର୍ତ୍ତେ ହ୍ରାସ ପାଇଛି। ଯେଉଁ ଶିଳ୍ପ କାରଖାନା କିମ୍ବା ଖଣି ଅଞ୍ଚଳକୁ ଦେଖିବେ ସେଠାରେ ଜାମସେଦପୁର, ମୁମ୍ବାଇ, ପଶ୍ଚିମବଙ୍ଗ ଆଦି ରାଜ୍ୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ଦେଖିବାକୁ ମିଳୁଛି। ଗତ ପ୍ରାୟ ୪ ବର୍ଷ ହେଲା ଖଣି ଓ ଶିଳ୍ପ ସଂସ୍ଥାଗୁଡିକ ଏଭଳି ନୀତିକୁ ଆପଣାଇଛନ୍ତି। ଏହାର ବିରୋଧ କରିବାକୁ କେହି ନାହାନ୍ତି ବୋଲି ଅନୁଭବ କରି କମ୍ପାନୀଗୁଡିକ ଏଭଳି ନୀତି ଆପଣାଇଥିବା କୁହାଯାଉଛି। ସମ୍ପ୍ରସାରଣ ସମ୍ପୂର୍ଣ୍ଣ ହେଲେ ପ୍ରାୟ ୨୦ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ପାଇବେ ବୋଲି ସେମାନଙ୍କ ସାରାଂଶରେ ଦର୍ଶାଯାଇଥିଲା । ହେଲେ ବାସ୍ତବରେ ସ୍ଥାନୀୟ ନିଯୁକ୍ତି ତ ଦୂରର କଥା ଓଡ଼ିଆଙ୍କୁ ଠିକାସଂସ୍ଥା କାର୍ଯ୍ୟରେ ମଧ ସ୍ଥାନ ମିଳୁନାହିଁ। ୨୦୧୫ ସେପ୍ଟେମ୍ବର ୧୪ ପୂର୍ବରୁ ସ୍ଥାନୀୟ ନିଯୁକ୍ତିକୁ ନେଇ ଦାବି, ଆନ୍ଦୋଳନ ଆଦି ହେଉଥିଲା । ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଜିଲାପାଳ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ପ୍ରମୁଖଙ୍କୁ ସ୍ଥାନୀୟ ନିଯୁକ୍ତିକୁ ନେଇ ପ୍ରତିବାଦ କରୁଥିଲେ। ଏପରିକି ତ୍ରିପାକ୍ଷିକ ବୈଠକମାନ ଆୟୋଜନ କରି ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରାଯାଉଥିଲା । ଏହି ପ୍ରକ୍ରିୟାରେ ଶିଳ୍ପସଂସ୍ଥାଗୁଡିକର ମାନମାନି କେତେକାଂଶରେ ହ୍ରାସ ପାଉଥିଲା । କିନ୍ତୁ ଏବେ କୌଣସି ଭିତିରିଆ ସମ୍ପର୍କ ଅବା ନିରାଶ ଯୋଗୁ ସେହି ପ୍ରତିବାଦ ଆଉ ଦେଖିବାକୁ ମିଳୁନାହିଁ । ଫଳରେ କମ୍ପାନୀମାନେ ମନଇଚ୍ଛା ଶ୍ରମିକମାନଙ୍କୁ ଶୋଷଣ କରି ଚାଲିଛନ୍ତି । ଜୀବିକା ହରାଇଥିବା ଶ୍ରମିକମାନେ କାହା ସାହାଭରସା ନ ପାଇ ଭାଗ୍ୟକୁ ଆଦରି ପଡି ରହୁଛନ୍ତି । ୨୦୧୫ ସେପ୍ଟେମ୍ବର ୧୩ରେ ନୀଳାଚଳ ହାଉସରେ ତତ୍କାଳୀନ ଜିଲାପାଳ ସତ୍ୟକୁମାର ମଲ୍ଲିକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଶେଷକରି ସ୍ଥାନୀୟ ନିଯୁକ୍ତିକୁ ନେଇ ବହୁ ସମୟ ଧରି ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ନିଯୁକ୍ତିକୁ ନେଇ ତଦନ୍ତର ଆବଶ୍ୟକତା ରହିଛି ବୋଲି ତତ୍କାଳୀନ ସୁକିନ୍ଦା ବିଧାୟକ ତଥା ବର୍ତ୍ତମାନର ଗ୍ରାମ୍ୟ ନିର୍ମାଣ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଦାବି କରିଥିଲେ । ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ଜିଲାପାଳ, ବିଧାୟକ ଏବଂ ଶିଳ୍ପାନୁଷ୍ଠାନର କର୍ତ୍ତୃପକ୍ଷ ସଭ୍ୟ ଭାବେ ରହିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସମାଧାନ ବୈଠକର ୧୫ ଦିନ ମଧରେ ଉକ୍ତ କମିଟି ସ୍ଥାନୀୟ ନିଯୁକ୍ତି ସମ୍ପର୍କରେ ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ତତ୍କାଳୀନ ଆରଡିସି ବିକାଶ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହି ନିଷ୍ପତ୍ତିକୁ ଆଜକୁ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ତଦନ୍ତ ତ ଦୂରର କଥା ସ୍ଥାନୀୟ ନିଯୁକ୍ତିକୁ ନେଇ ପ୍ରଭାବୀ ଢଙ୍ଗରେ ଆନ୍ଦୋଳନ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର କୁହନ୍ତି, ସ୍ଥାନୀୟ ନିଯୁକ୍ତିକୁ ନେଇ ଶିଳ୍ପାନୁଷ୍ଠାନଗୁଡିକୁ ତାଗିଦା କରାଯାଉଛି। ମେସ୍କୋ ଷ୍ଟିଲ ସମ୍ପର୍କରେ ଆଲୋଚନା ଚାଲିଛି ଏବଂ ଖୁବ୍‌ଶୀଘ୍ର ସମାଧାନ ହେବାର ସମ୍ଭାବନା ରହିଛି।




# କୋଣାର୍କ ଏକାଦଶ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଦଳର ଖେଳାଳିମାନେ ।

## କୋଣାର୍କ କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଯାଜପୁର ଅଫିସ,୨୯।୧

କୋଣାର୍କ କ୍ରିକେଟ କପ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ସୁକିନ୍ଦା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏଥିରେ ସତ୍ତାର କ୍ରିକେଟ କ୍ଲବକୁ ହରାଇ ଆୟୋଜକ କୋଣାର୍କ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ସତ୍ତାର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭବାନୀ ମହାନ୍ତି ୨୯ ବଲ ଖେଳି ସର୍ବାଧିକ ୬୦ ରନ କରିଥିଲେ । ଜବାବ୍‌ରେ କୋଣାର୍କ କ୍ରିକେଟ କ୍ଲବ୍ ୨ ଉକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ବିଜୟୀ ଦଳର ଦିବ୍ୟ ରଞ୍ଜନ ବାରିକ ୩୮ ବଲରୁ ୫୭ ରନ ସଂଗ୍ରହ କରିବା ସହିତ ୩ ଉଇକେଟ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଏହି ମ୍ୟାଚ୍‌କୁ ଦୁଇ ଅମ୍ପାୟାର ଛାୟାକାନ୍ତ ଦ୍ୱିବେଦୀ ଓ ମାନସ ବେହୁରା ପରିଚାଳନା କରିଥିଲେ। ସମସ୍ତ ଶୃଙ୍ଖଳାରେ ଅଲ୍‌ରାଉଣ୍ଡର ସଫଳତା ନିମନ୍ତେ କୋଣାର୍କ କ୍ରିକେଟ କ୍ଲବର ବିକ୍ରମ ଦାସଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା । ସେହିପରି ବାପି ବେହେରାଙ୍କୁ ସଫଳତମ ବୋଲର, ସତ୍ୟଜିତ ରାଜଙ୍କୁ ସର୍ବଶ୍ରେଷ୍ଠ କିପର ଏବଂ ସତ୍ତାର କ୍ରିକେଟ କ୍ଲବର ଭବାନୀ ମହାନ୍ତି ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ରୁପାଲି ମହାଳିକ ଏବଂ ତାଙ୍କ ଦଳକୁ ସର୍ବଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ପୁରାତନ ଖେଳାଳି ଛାୟାକାନ୍ତ ଦ୍ୱିବେଦୀ, ମାନସ ବେହୁରା, ସୋମନାଥ କାନୁନଗୋ, ସୂର୍ଯ୍ୟନାରାୟଣ ବେହୁରା, ସନ୍ତୋଷ ଦ୍ୱିବେଦୀ, ଦିବ୍ୟଲୋଚନ ସାମଲ, ପ୍ରବୀର ବାନାର୍ଜୀ, ମିଲନ ଦାସ, ଦିଲୀପ ଦ୍ୱିବେଦୀ, ସତ୍ୟଜିତ୍ ଦାଶ ପ୍ରମୁଖ ଉପସ୍ଥିତ ରହି ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

## ଜଗନ୍ନାଥମନ୍ଦିରରେ ମାଘସପ୍ତମୀ

ଯାଜପୁର ସଦର,୨୯।୧(ଡି.ଏନ.ଏ.):

ମାଘ ସପ୍ତମୀ ଉପଲକ୍ଷେ ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ଯାଜପୁର ଦଶାଶ୍ୱମେଧ ଘାଟ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତା ଓ ଭାଗବତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ମନ୍ଦିର ପୂଜକ ପାଗଳ ନନାଙ୍କ ଦ୍ୱାରା ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା, ଗରୁଡ ପୂଜା, ଦ୍ୱାରପାଳ ପୂଜା ଓ ବାଲ୍ୟ ଭୋଗ କରାଯାଇଥିଲା। ସମ୍ପାଦକ ଭାସ୍କର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭାପତି ଭାଗବତ କଥାମୃତ ଆଲୋଚନା ଦ୍ୱାରା ସମାଜରେ ଶାନ୍ତି, ମୈତ୍ରୀ, ପ୍ରେମ ଭାବ ଯାଗ୍ରତ ହୁଏ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଦିନ ପ୍ରାତଃରୁ ସ୍ନାନକରି ମା' ବିରଜା, ମା' ଲକ୍ଷ୍ମୀ, ମା' ସପ୍ତମାତୃକା, ଶ୍ରୀବରାହ ଓ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ ସାତ ଜନ୍ମର ପ୍ରଚ୍ଛଳ ନାଶ ହୁଏ ବୋଲି ଉପସଭାପତି କ୍ଷୀରୋଦ ଚନ୍ଦ୍ର ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ବନବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଗଦାଧର ରାଉତ, ହୃଷୀକେଶ ପତି, ସହସମ୍ପାଦକ ବୃନ୍ଦାବନ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ରବିନାରାୟଣ କର ଓ ସମୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହୃଷୀକେଶ ପତି ଧନ୍ୟବାଦ ଦେଇଥିଲେ।

## କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

କାଳିଆପାଣି,୨୯।୧(ଡି.ଏନ.ଏ.):

ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଗରାମିଆଁ ଗାଁର ମଧୁସୂଦନ ବଦରା(୪୫)ଙ୍କ କୁଅରେ ପଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ ସେ ବାହାରକୁ ଯାଇ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ବି ପାଇ ନ ଥିଲେ। ଶନିବାର ଗରାମିଆଁ ଗାଁ ମୁଣ୍ଡାସାହି ମଝିରେ ଥିବା କୂଅରୁ ଗନ୍ଧ ବାହାରୁଥିବାରୁ କୂଅରେ କ'ଣ ପଡିଥିବା ଭାବି ଲୋକେ ଦେଖିବାକୁ ଯାଇଥିଲେ। କୂଅକୁ ଟ୍ରଚ୍ ପକାଇବାରୁ ଜଣେ ମରି ଭାସୁଥିବା ଦେଖିବାକୁ ପାଇଥିଲେ। ତେଣୁ ତୁରନ୍ତ କାଳିଆପାଣି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବାରୁ ତାହା ମଧୁସୂଦନଙ୍କର ବୋଲି ଜଣାପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ବୈରୀ ପୋଲିସ ବିଜୟୀ



ଟୁର୍ନାମେଣ୍ଟରେ ଯୋଗଦେଇଥିବା ଛତିଆ ପ୍ରେସ୍ କ୍ଲବ ଓ ବୈରୀ ଥାନା ପୋଲିସ ଟିମ୍।

ଛତିଆ,୨୯।୧(ଡି.ଏନ.ଏ.):

ବଡ଼ଚଣା ବ୍ଲକ ଅଧୀନ ଛତିଆ ପ୍ରେସ୍ କ୍ଲବ ଓ ବୈରୀ ଥାନା ପୋଲିସ ମିଳିତ ଆନୁକୂଲ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ବୈରୀ ଥାନା ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈରୀ ପୋଲିସ ବିଜୟୀ ହୋଇଛି। ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ବୈରୀ ପୋଲିସ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୫୧ ରନ କରିଥିଲା। ଦଳ ପକ୍ଷରୁ ମନୋଜ ନାୟକ ୩୫ ରନ କରିଥିଲେ। ଛତିଆ ପ୍ରେସ୍ କ୍ଲବ ପକ୍ଷରୁ ପ୍ରମୋଦ ଜେନା ୩ ଓ ସୌମ୍ୟରଞ୍ଜନ ସାହୁ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରେସ୍ କ୍ଲବ ୭ ଉଇକେଟ ହରାଇ ୧୧୬ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦୀପ୍ତିରଞ୍ଜନ ବିଶ୍ୱାଳ ୫୪ ଓ ସୌମ୍ୟ ରଞ୍ଜନ ୨୨ ରନ କରିଥିଲେ। ଖେଳକୁ ଚନ୍ଦ୍ରଶେଖର ପୃଷ୍ଟି ଓ ପ୍ରକାଶ ମଲିକ ପରିଚାଳନା କରିଥିଲେ। ଥାନା ଏଏସ୍‌ଆଇ ସୁବ୍ରତ ସାହୁ, ଅକ୍ଷୟ ବେହେରା, ଜହର ଆବେଦିନ, ଦିଲୀପ ନାୟକ, ଅଶରଫ ରାଜ, ପୀତାମ୍ବର ମହାନ୍ତି, ସାମ୍ବାଦିକ କାର୍ତ୍ତିକ ରାଉତ, ଜୟକାନ୍ତ ରାଉତ, ଉତ୍କଳ ପ୍ରଧାନ, ବସନ୍ତ ପଲେଇ, ଗିରୀଶ ପାତ୍ର, କମଳାକାନ୍ତ ପାଲ, ଦିଲୀପ ବରାଳ, ଉମାକାନ୍ତ ବେହେରା, ପ୍ରଫୁଲ୍ଲ ବେହେରା ଓ ଚିନ୍ମୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ବାଳଦାଛଚିଣା-ନାଗାପାଟଣା ରାସ୍ତା ଶିଳାନ୍ୟାସ


ଶିଳାନ୍ୟାସ ସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ଝୁମ୍ପୁରୀ,୨୯।୧(ଡି.ଏନ୍.ଏ.):

ଦଶରଥପୁର ବ୍ଲକ୍ ଅନ୍ତର୍ଗତ ବାଳଦାଛଚିଣା-ନାଗାପାଟଣା ରାସ୍ତାର ଶିଳାନ୍ୟାସ କରାଯାଇଛି। ଯାଜପୁର ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୧ କୋଟି ୩୩ ଲକ୍ଷ ୬୮ ହଜାର ୩୬୮ ଟଙ୍କାର ବ୍ୟୟବରାଦ ହୋଇଛି। ୫ମିଟର ଚଉଡ଼ାରେ ରାସ୍ତାଟି ୪୦୬୫ମିଟର ଲମ୍ବ ପର୍ଯ୍ୟନ୍ତ କାର୍ଯ୍ୟ କରାଯିବ। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଛଚିଣା ପ୍ରଧାନସାହିର ମା' ସ୍ୱର୍ଣ୍ଣମୁଖୀ ଓ ବାବା ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜେଡି ଜିଲା ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦାସ ଯୋଗଦେଇ ଏହି ରାସ୍ତା ନିର୍ମାଣ ଫଳରେ ପ୍ରାୟ ୬ ପଞ୍ଚାୟତର ୫୦ ହଜାର ଲୋକେ ସେମାନଙ୍କ ଗମନାଗମନ ପାଇଁ ଏହି ରାସ୍ତାକୁ ବ୍ୟବହାର କରିବେ। ବ୍ଲକ୍‌ର ଏହା ଏକ ଲାଇଫ୍ ଲାଇନ୍ ରାସ୍ତାଭାବେ ପରିଗଣିତ ହେବ। ରାସ୍ତା ସମ୍ପ୍ରସାରଣ ପାଇଁ ଆବଶ୍ୟକ ପଡୁଥିବା ଜାଗାକୁ ଯୋଗାଇବାରେ ଅଞ୍ଚଳବାସୀ ସହଯୋଗ କରିବେ ବୋଲି ଦାସ କହିଥିଲେ।

ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ବ୍ଲକ୍ ବିଜେଡି ସଭାପତି ଅଜୟ ମହାନ୍ତି, ବରିଷ୍ଠ ନେତା ମନୋଜ ରାଉତ, ଛଚିଣା ସରପଞ୍ଚ ହିମାଂଶୁ ମହାନ୍ତି, ସମିତିସଭ୍ୟ ସତ୍ୟପ୍ରସନ୍ନ ମହାପାତ୍ର, କନିକାପଡ଼ା ସରପଞ୍ଚ ପ୍ରଦୀପ ଜେନା, ଗୋପାଳପୁର ସରପଞ୍ଚ ସେକ୍ ନାଦର, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ବିଜେଡି ସଭାପତି ଗୌରାଙ୍ଗ ମଲ୍ଲିକ, ବରିଷ୍ଠ ନେତା ସୁରେଶ ପ୍ରଧାନ, ମାନସ ସାମଲ, ନରେନ୍ଦ୍ର ଜେନା, ଉମାକାନ୍ତ ମହାପାତ୍ର, ଅଜୟ ସ୍ୱାଇଁ, ଅଭୟ ବେହେରା ଓ ବିଜୟ ବେହୁରିଆ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଶିକ୍ଷାର ପ୍ରଚାର ଉଦ୍ଦେଶ୍ୟରେ ମିନି ମାରାଥନ

ଯାଜପୁର ଟାଉନ, ୨୯।୧(ଡି.ଏନ.ଏ.):

କିଟ ଓ କିସ୍ ପକ୍ଷରୁ ଯାଜପୁରରେ ଆୟୋଜିତ ହୋଇଛି ମିନି ମାରାଥନ। ଏଜୁକେଶନ ଫର ଅଲ୍‌ର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ରବିବାର ଏନ୍.ସି କଲେଜ ନିକଟରୁ ଏହି ମାରାଥନ ଆରମ୍ଭ ହୋଇଯାଇଛି। ଉପଜିଲାପାଳ ଗୋପୀନାଥ କୁଅଁର ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାର ବିଭିନ୍ନ କଲେଜରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମାରାଥନରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୋର୍ଡ ଅଫ୍ ରେଭିନ୍ୟୁର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲିକ ଯୋଗଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। କଳିଙ୍ଗ ଟିଭି ପ୍ରତିନିଧି ଅବିନେଶ୍ୱର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅଶୋକ ଦାସ ଫଉଣ୍ଡେଶନ ସଚିବ ଭବପ୍ରସାଦ ଦାସ, ଯାଜପୁର ପୌର ଉପାଧକ୍ଷ ସନ୍ତୋଷ ମଲିକ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ, କିଟ୍ ପକ୍ଷରୁ ବରିଷ୍ଠ ଅଧିକାରୀ ସମାବେଶ ନାୟକ, ଯୁବ ବୈଜ୍ଞାନିକ ଡ. ସନ୍ଦୀପ ପଣ୍ଡା, ବିଧୁଭୂଷଣ ଆଚାର୍ଯ୍ୟ, ଏନ୍‌ସି କଲେଜର ଅଧକ୍ଷ ବିସି ଦାସ, ବିଜୟ ଭାସ୍କର ମଲିକ ପ୍ରମୁଖ ଯୋଗଦେଇ ଏଭଳି ମିନି ମାରାଥନ ଆୟୋଜନ ଫଳରେ ଶିକ୍ଷାର ପ୍ରଚାର ପ୍ରସାର ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ମାରାଥନରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୈଳାସ ଚନ୍ଦ୍ର ଦାସ, ରାଜକିଶୋର ସୂତାର, ପବିତ୍ର ଜେନା, ଚିତ୍ତରଞ୍ଜନ ପରିଡ଼ା, ଦେବାଶିଷ ସାହୁ, ସଞ୍ଜୟ ବେହୁରା, ରାକେଶ ମହାପାତ୍ର, ବିଶ୍ୱଜିତ୍ କର ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ମାରାଥନରେ ଏନ୍‌ସି କଲେଜର ଭାଗୀରଥି ମୁର୍ମୁ ପ୍ରଥମ, ବୁଢ଼ନ ମାଝି ଦ୍ୱିତୀୟ ଓ ଚିତାଳୋ କଲେଜର ଅଭିଜିତ୍ ମୁଣ୍ଡରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ମିନି ମାରାଥନରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ଆଳି,୨୯।୧(ଡି.ଏନ.ଏ.): ଆଳି ଥାନା ଅନ୍ତର୍ଗତ ବାଳକାଟି ପଞ୍ଚାୟତ ଅଧୀନରେ ଥିବା ରାଣୀପୋଖରୀ ଗାଁରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଥାନାରେ ରାଇସରପୁର ଗାଁର ବସନ୍ତ ମଳିକ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ ସସ୍ମିତାଙ୍କ ରାଣୀପୋଖରୀ ଗାଁର ରମେଶ ମଳିକଙ୍କ ପୁଅ ସରୋଜ ସହ ୫ ବର୍ଷ ତଳେ ବୈଦିକ ରୀତିରେ ବିବାହ ହୋଇଥିଲା। ସେମାନଙ୍କର ସାଢ଼େ ୩ ବର୍ଷର ପୁଅ ଅଛି। କିଛିଦିନ ହେବ ସସ୍ମିତାଙ୍କ ଶାଶୁଘର ଲୋକେ ବାପଘରୁ ଯୌତୁକ ବାବଦକୁ ଗୋଟିଏ ବାଇକ୍ ଆଣିବା ପାଇଁ ତାଙ୍କ ଉପରେ ଚାପ ପକାଇବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କ ଝିଅକୁ ରବିବାର ଶାଶୁଘର ଲୋକେ ମାରି ଦେଇଛନ୍ତି। ଅଭିଯୋଗ ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ନଂ. ୧୨୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### ଆତ୍ମଚେତନା, ଯୋଗତତ୍ତ୍ୱର ଅନୁଭୂତି ଈଶ୍ୱରତ୍ୱ ପ୍ରଦାନ କରେ

ବିରିଡି,୨୯।୧(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ଦରଡାଶାସନ ଗ୍ରାମସ୍ଥିତ ମାଳିକା ପ୍ରସିଦ୍ଧ ପବିତ୍ର ରତ୍ନଯୋଡି ପୀଠରେ ଶନିବାର ପ୍ରଭାତରୁ ଶ୍ରଦ୍ଧାଳୁ, ସାଧୁସନ୍ଥ ଓ ଭକ୍ତମାନେ ବୁଡ଼ ପକାଇ ଥିଲେ। ସେଠାରେ ପୂଜା ପାଉଥିବା ରାମ ଲକ୍ଷ୍ମଣ ସୀତା, ରାଧାକୃଷ୍ଣ, ହନୁମାନ, ରତ୍ନବଟ ମହାପୁରୁଷ ଓ ଶାରଳାଙ୍କୁ ପୂଜା ଅର୍ଚ୍ଚନା କରିଥିଲେ। ଏନେଇ ଶୁକ୍ରବାର ରାତ୍ରିରେ ଶାନ୍ତି କମିଟି ପକ୍ଷରୁ ଏକ ଧର୍ମସଭା କରା ଯାଇଥିଲା। ଧାନକୁଦ ପୀଠର ପୀଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଉକ୍ତ ଧର୍ମସଭାରେ ଯୋଗ ଦେଇ ମାଳିକା ବର୍ଣ୍ଣିତ ରତ୍ନଯୋଡିର ମହିମା ଓ ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଆତ୍ମଚେତନା, ଯୋଗତତ୍ତ୍ୱର ଅନୁଭୂତି ହିଁ ମନୁଷ୍ୟକୁ ଈଶ୍ୱରତ୍ୱ ପ୍ରଦାନ କରିଥାଏ। ତେଣୁ ଆଧ୍ୟାତ୍ମିକ ଚେତନାରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ବାବା ସୁରେଶ ଦାସ, ବାବା ଶରତ ଚନ୍ଦ୍ର ଦାସ, ବାବା ନାରାୟଣ ଦାସ, ବାବା ବଂଶୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ବସନ୍ତ କୁମାର ବେହେରା, ମୁରଲିଧର ମହାରଣା , ବିଭୁ ପ୍ରସାଦ ରାଉତରାୟ ଓ ପୂଜକ ପରମାନନ୍ଦ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଖ ପାଖ ଅଞ୍ଚଳର ବହୁ ଜନସାଧାରଣ ଏଥିରେ ସହଯୋଗ କରିଥିଲେ।

# ବେଆଇନ ଇଟାଭାଟି ପାଇଁ ପ୍ରଦୂଷଣ


ଇଟାଭାଟି ମାଲିକମାନେ ସରକାରୀ ଜମିରୁ ଜେସିବି ଲଗାଇ ମାଟି ଖୋଳି ଟ୍ରାକ୍ଟରରେ ନେଉଛନ୍ତି।

**ପଟ୍ଟାମୁଣ୍ଡାଇ ତହସିଲ**
- ସାଧାରଣ ଲୋକେ ରୋଗରେ ପଡୁଛନ୍ତି
- ସବୁଜ ଫସଲ ନଷ୍ଟ ହେଉଛି
- ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଜିଲାପାଳଙ୍କୁ ଅଭିଯୋଗ କଲେ

ପଟ୍ଟାମୁଣ୍ଡାଇ,୨୯।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ବେଆଇନ ଇଟାଭାଟି ବଢ଼ି ଚାଲିଛି। ଭାଟିରେ ବ୍ୟବହାର ହେଉଥିବା କାଠ ଓ କୋଇଲାରୁ ଧୂଆଁ ସାଙ୍ଗକୁ ଧୂଳି ଉଡି ପରିବେଶକୁ ପ୍ରଦୂଷିତ କରୁଛି। ଧୂଆଁ ଯୋଗୁ ଶ୍ୱାସରୋଗୀ ଓ ସାଧାରଣ ଲୋକ ରୋଗରେ ପଡୁଛନ୍ତି। ସେମାନେ ନିଃଶ୍ୱାସ, ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ପାଉଁଶ ଉଡ଼ି ସବୁଜ ପନିପରିବା ଉପରେ ଆସ୍ତରଣ ପଡିବାରୁ ତାହା ଖାଇବା ଅନୁପଯୋଗୀ ହୋଇ ପଡୁଛି। ଇଟାଭାଟି ମାଲିକମାନେ ମାଟି ପାଇଁ ସରକାରୀ ଶ୍ମଶାନ, ଗୋଚର, ନଦୀକୂଳ, ଅନାବାଦୀ ଆଉ ଖେଳପଡିଆକୁ ଟାର୍ଗେଟ କରିଛନ୍ତି। ସେମାନେ ଅବାଧରେ ଜେସିବି ଲଗାଇ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ମାଟି ଖୋଳି ନେଉଛନ୍ତି। ପ୍ରଶାସନିକ ଅଧିକାରୀମାନେ ଦେଖି ନ ଦେଖିଲା ପରି ଚାଲିଯାଉଛନ୍ତି। ଅଭିଯୋଗ କଲେ ତହସିଲ ପ୍ରଶାସନ ଇଟାଭାଟି ମାଲିକଙ୍କୁ ଡକାଇ ମାତ୍ର କେଇ ଟଙ୍କାର ଫାଇନ୍ କାଟି ଚୁପ୍ ହୋଇ ବସୁଛନ୍ତି। ଲୋକେ ଏହାର ବିରୋଧ କଲେ ମାଲିକମାନେ ଧମକ ଚମକ ଦେବା ସହ ହଇରାଣ କରୁଛନ୍ତି। ସ୍ଥାନୀୟ ଆର୍ଆଇ ଓ ତହସିଲଦାର ଗ୍ରାମବାସୀଙ୍କ ଅଭିଯୋଗକୁ ଅଣଦେଖା କରୁଥିବା ନେଇ ଶହେରୁ ଊର୍ଦ୍ଧ୍ୱ ଚାଷୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ଇଟାଭାଟି ମାଲିକମାନଙ୍କ ରାଜ ଚାଲିଛି। ୭ ବର୍ଷ ହେଲା ସରକାରୀ ଜମିରୁ ମାଟି ଖୋଳା ଚାଲିଛି। ତହସିଲରେ ଥିବା ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗାଁର ପ୍ରାୟ ୨୨ ଏକର ସରକାରୀ ଅନାବାଦୀ ଜମି ଉପରେ ଭାଟି ମାଲିକମାନେ ବେଆଇନ ଭାବେ ମାଟି ଖୋଳି ଇଟା ତିଆରି କରି ଚାଲିଛନ୍ତି। ଏପରିକି ପାଖରେ ବହି ଯାଉଥିବା ବ୍ରାହ୍ମଣୀ ନଦୀ ପଠାରେ ମଧ୍ୟ ମୁନାଫାଖୋର ଭାଟି ମାଲିକମାନେ ନଦୀ ଭିତରେ ବେଆଇନ ଭାବେ ଇଟା ତିଆରି କରି ପୋଡୁଛନ୍ତି। ବଳଭଦ୍ରପୁର ପଞ୍ଚାୟତର ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ବ୍ରାହ୍ମଣୀ ନଦୀ ଏହି ଗ୍ରାମ ପାଖରେ ପ୍ରବାହିତ ହେଉଥିବାରୁ ପନିପରିବା ଚାଷ ବହୁଳ ମାତ୍ରାରେ ହୁଏ। ମାତ୍ର ଇଟା ଧୂଆଁରେ ସେ ସବୁ ନଷ୍ଟ ହେବା ସହ ଗ୍ରାମର ପରିବେଶ ପ୍ରଦୂଷିତ ହୋଇ ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି। ଏ ନେଇ ବାଲିପାଟଣା ଗାଁର ବିଘ୍ନେଶ୍ୱର ସ୍ୱାଇଁ, ବିକାଶ ସ୍ୱାଇଁ, ସୁଶୀଲ ସ୍ୱାଇଁ, ଶଙ୍କର ପରିଡ଼ା, ପତିତପାବନ ପରିଡା, ଅଶ୍ୱିନୀ ପରିଡା, ଶିବ ପ୍ରସାଦ ପରିଡା, ଦାମୋଦର ପରିଡା, ପ୍ରଫୁଲ୍ଲ ବଳ, ରଞ୍ଜନ ସ୍ୱାଇଁ, ଶୁକଦେବ ସ୍ୱାଇଁ, ନିଶିଧର ବଳ, ବସନ୍ତ ବଳ, ରାଜେଶ ବଳ, ନୃସିଂହ ବଳ ସମେତ ୧୧୪ ଜଣ ଜିଲାପାଳ ଅମୃତ ଋତୁରାଜଙ୍କୁ ଅଭିଯୋଗ କରିଛନ୍ତି। ଦୋଷୀ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏ ସମ୍ପର୍କରେ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ପଚାରିବାରେ ବେଆଇନ ଭାବେ ପୋଡ଼ା ଯାଉଥିବା ଇଟାଭାଟି ଉପରେ ଚଢାଉ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ବୁଲି ବୁଲି ତନଖି କରୁଛନ୍ତି। ବେଆଇନ ଭାବେ ଇଟା ପୋଡୁଥିବା ଭାଟି ମାଲିକ ଖସିଯାଇ ପାରିବେ ନାହିଁ ବୋଲି ସେ କହିଛନ୍ତି। ତହସିଲ ସୂତ୍ରରୁ ଜଣାପଡ଼ିଛି, ୨୦୨୦-୨୧ ଆର୍ଥିକ ବର୍ଷରେ ଇଟାଭାଟି ମାଲିକଙ୍କଠାରୁ ୪ ଲକ୍ଷ ୫୦ ହଜାର ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ୪ ଲକ୍ଷ ୭୦ ହଜାର ରାଜସ୍ୱ ଆଦାୟ ହୋଇଛି। ତେବେ ଚଳିତବର୍ଷରେ ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ୩୬ଟି ସ୍ଥାନରେ ଇଟା ତିଆରି ହେଉଥିବା ଜଣାପଡିଛି। ହେଲେ ଇଟା ଭାଟି ମାଲିକଙ୍କଠାରୁ କେତେ ରାଜସ୍ୱ ଆଦାୟ ହେଉଛି ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ଇଟାଭାଟି ଧୂଆଁରେ ବାୟୁ ପ୍ରଦୂଷଣ ବଢୁଛି। ତେଣୁ ପୋଡା ନାଲିଇଟା ବଦଳରେ ଆଶ୍ ଇଟା ବ୍ୟବହାର କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ହେଲେ ଏହି ନିୟମକୁ କେହି ମାନୁ ନ ଥିବା ଅଭିଯୋଗ ହେଉଛି।

## ଭିନୁ ମଙ୍କଡ଼ ଡି. ଶର୍ମା ମେମୋରିଆଲ କ୍ରିକେଟ, ଓଳାଭର ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଆଳି,୨୯।୧(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ଆଳି ହାଇସ୍କୁଲ ଷ୍ଟାଡିୟମରେ ଦିବାକର ଶର୍ମା ମେମୋରିଆଲ ୪୩ତମ ଭିନୁ ମଙ୍କଡ ଟ୍ରଫିର ତୃତୀୟ ମ୍ୟାଚ ଓଳାଭର କ୍ରିକେଟ୍ କ୍ଲବ ଓ ଚାନ୍ଦବାଲି କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଳାଭର ଟସ୍ ଜିତି ବ୍ୟାଟିଂ କରି ୨୮ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିଥିଲା। ଜବାବରେ ଚାନ୍ଦବାଲି ୨୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୯୩ ରନ କରି ପରାସ୍ତ ହୋଇଥିଲା। ଅମ୍ପାୟର ଭାବେ ନିରଞ୍ଜନ ଷଡ଼ଙ୍ଗୀ ଓ ବିଶ୍ୱଜିତ ପଡ଼ିହାରୀ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଖବରଦାତା ଭଗବାନ ନାୟକ ଓ ସମାଜସେବୀ ଶେଖ୍ ତୋଏବ(ସୋପାନ) ଯୋଗ ଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଓଳାଭର ଟିମ୍‌ର ଶକ୍ତି ଦାସଙ୍କୁ ବାଦଲ ବୁକ୍ ଷ୍ଟୋର ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ବରିଷ୍ଠ ଖେଳାଳି ରବୀନ୍ଦ୍ର ପରିଡ଼ା ଓ ଗଣେଶ୍ୱର ସାମଲ ଉପସ୍ଥିତ ଥିଲେ।

## ବିମଳ ତରାଇଙ୍କୁ ମନ୍ତ୍ରୀ, ବିଧାୟକଙ୍କ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୨୯।୧(ସ୍ୱ.ପ୍ର.)

ପପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ କିଶୋର ତରାଇଙ୍କ ପିତା ପୂର୍ବତନ ଅବକାରୀ ନିରୀକ୍ଷକ ବିମଳ ତରାଇଙ୍କୁ ତାଙ୍କ ଏକାଦଶାହରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତନୁପୁରଠାରେ ଶ୍ରଦ୍ଧାଞ୍ଜଳି ସଭାରେ ମନ୍ତ୍ରୀ, ବିଧାୟକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପୂର୍ବତନ ବିଧାୟକ ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ପୂର୍ବତନ ଅଧ୍ୟକ୍ଷ ମାନସ ପରିଡା, ଉପାଧ୍ୟକ୍ଷା ସୁମିତ୍ରା ସାହୁ, ସରୋଜ ବିଶ୍ୱାଳ, ଜିଲା ବିଜେଡି ସଭାପତି ଉତ୍କଳ ପରିଡା, ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ ଓ ଡ. ଅଲେଖ କୁମାର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ପୂର୍ବତନ ଅଧ୍ୟକ୍ଷ ଭୀଷ୍ମ ମହାନ୍ତି, ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ଡେରାବିଶ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ସରୋଜ ସାହୁ, ରାଜନଗର ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ରତିକାନ୍ତ ସାହାଣୀ ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଡେରାବିଶ ୨୯।୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ହଳଦିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଶିକ୍ଷାବିତ୍ କାଙ୍ଗାଳି ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଭାବେ ବଳରାମ କର, ସମ୍ମାନିତ ଅତିଥି ଭାବେ ଗୁଆଲସିଂ ସରପଞ୍ଚ ମଧୁସ୍ମିତା ଦାସ, ଅଧ୍ୟାପକ ଉମାକାନ୍ତ ସାମନ୍ତରାୟ, ଅଧ୍ୟାପକ ସୂର୍ଯ୍ୟମଣି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ଅବଦାନ ଥିବା ବସନ୍ତ କୁମାର ମହଲା, ସନାତନ ପ୍ରଧାନ, ପଦ୍ମ ଚରଣ ମହଲା, ନକୁଳ ଚରଣ ମାଟି, କଣ୍ଡରୀ ଚରଣ ପାତ୍ର, ନୃସିଂହ ଚରଣ ସାହୁ, ମରୁତ କୁମାର ସ୍ୱାଇଁ ପ୍ରମୁଖ ବଦାନ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରଜ କିଶୋର ସାହୁ, ଶ୍ରୀକାନ୍ତ କୁମାର ସାହୁ, ମନୋଜ କୁମାର ମହଲା, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ମଧୁସ୍ମିତା ପରିଡାଙ୍କ ଧନ୍ୟବାଦ ଦେଇଥିଲେ।

## ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

ରାଜନଗର, ୨୯।୧(ଡି.ଏନ.ଏ.)



ରାଜନଗର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜରୁରୀ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଖଣ୍ଡାମରାସ୍ଥିତ ପାଟକୁମାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦାମୋଦର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ଦରମା ନିର୍ଦ୍ଧାରଣ, ବକେୟା ମହଙ୍ଗା ଭତ୍ତା, ଜଣେ ଶିକ୍ଷକ ଥିବା ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦେବା, ଅସୁରକ୍ଷିତ ଶ୍ରେଣୀ ଗୃହକୁ ଯୁଦ୍ଧକାଳୀନ ଭିତ୍ତିରେ ଭାଙ୍ଗିବାକୁ ବିଭାଗୀୟ ଆଦେଶନାମା ଦେବା ଓ ଆଗାମୀ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସଂଘର ଉପଦେଷ୍ଟା ବିଜୟ କୁମାର ଜେନା, ସମ୍ପାଦକ ଅକ୍ଷୟ କୁମାର ରାଉତ, ଜିଲା ସଭାପତି ଦୟାନିଧି ସ୍ୱାଇଁ, ଶିକ୍ଷକ ଚିତ୍ତରଞ୍ଜନ ସାହୁ, ଚିତ୍ତରଞ୍ଜନ ବେହେରା, ସୁରେଶ ପ୍ରସାଦ ପ୍ରଧାନ, ନିରଞ୍ଜନ ନାୟକ, ନିମାଇଁ ଚରଣ ନାୟକ, କଳାକାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବିବାହ ଶୋଭାଯାତ୍ରାରେ ଡିଜି ପଡ଼ି ୪ ଆହତ

ରାଜକନିକା, ୨୯।୧(ଡି.ଏନ.ଏ.)

ରାଜକନିକା ଥାନାର ଚରପଡ଼ା ଗାଁର ୪ ଯୁବକ ଶନିବାର ଏକ ବିବାହ ଶୋଭାଯାତ୍ରା ଯାଜପୁର ଜିଲାର ବରୁହାଁ ହରିପୁର ରାସ୍ତଗଡା ଗ୍ରାମକୁ ଯାଇଥିଲେ। ଶୋଭାଯାତ୍ରା ଚାଲିଥିବା ବେଳେ ଏକ ଗାଡିରେ ଦଉଡି ବନ୍ଧା ହୋଇଥିବା ଏକ ଡିଜି ଛିଡି ଯାଇ ନିକଟରେ ଥିବା ୪ ଜଣ ପିଲାଙ୍କ ଉପରେ ପଡ଼ି ଯାଇଥିଲା। ଫଳରେ ୪ ଜଣ ଯୁବକ ଆହତ ହେବାରୁ ସ୍ଥାନୀୟ ଲୋକେ ପ୍ରଥମେ ଯାଜପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ସତ୍ୟବ୍ରତ ସାମଲ, ତାପସ କୁମାର ସାମଲ, ସଞ୍ଜୟ କୁମାର ବେହେରା, ସତ୍ୟବ୍ରତ ସାମଲ।

## ରାଜନଗର ଉଚ୍ଚ ବିଦ୍ୟାଳୟ ୬୫ତମ ବାର୍ଷିକୋତ୍ସବ



ଉତ୍ସବରେ ଉପସ୍ଥିତ ଅତିଥିମାନେ।

ରାଜନଗର, ୨୯।୧(ଡି.ଏନ.ଏ.)

ରାଜନଗର ଉଚ୍ଚ ବିଦ୍ୟାଳୟର ୬୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନେ କର୍ତ୍ତବ୍ୟନିଷ୍ଠ ଓ ସଦାଚାର ଶିକ୍ଷାରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ଯୋଗଦେଇ ଆଜିର ଟେକ୍ନୋଲୋଜି ଯୁଗରେ ମୋବାଇଲର ଉପକାରିତା ଓ ଅପକାରିତା ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବା ସହ ଏହାର ସଦ୍‌ଗୁଣକୁ କାର୍ଯ୍ୟକାରୀ କରିବାକୁ କହିଥିଲେ। ବରେଣ୍ୟ ଅତିଥି ଭାବେ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ଶିକ୍ଷାବିତ୍ କ୍ଷୀରୋଦ କୁମାର ମଳିକ, ବିଷ୍ଣୁ ଚରଣ ରାଉତ, ଗଣେଶ୍ୱର ରାଉତ, ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅମୂଲ୍ୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ଞାନ ରଞ୍ଜନ ଛଟାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଭ୍ରମରବର ଦାସ, ସରସ୍ୱତୀ ମୈତ୍ରୀ, ଶାରଦା ପ୍ରସନ୍ନ ଆଚାର୍ଯ୍ୟ, ଗୁରୁପ୍ରସାଦ ସାହୁ, ଦଧିବାମନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ନାଚଗୀତ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦେବୀ ନଦୀବନ୍ଧ ଦୁର୍ବଳ ହେଉଛି

- ପ୍ରତିଦିନ ହାଇୱାରେ ଓଭର ଲୋଡିଂ ପଥର ପରିବହନ
- ବିଭାଗ ପକ୍ଷରୁ କରାଯାଉ ନାହିଁ ତନଖି

ନାଉଗାଁ,୨୯।୧(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଦେଇ ପ୍ରବାହିତ ହେଉଛି ଦେବୀ ନଦୀ। ଶିଖର ପଞ୍ଚାୟତ ପାରିଶିଖରଠାରେ ଦେବୀନଦୀ କୂଳ ଖାଉଥିବାରୁ ଜଳସେଚନ ବିଭାଗ ପକ୍ଷରୁ ପଥର ପ୍ୟାକିଂ ଓ ବୁରୁଜ ନିର୍ମାଣ କାର୍ଯ୍ୟ ଜାରିରହିଛି। ଏହି ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଛି। ନଦୀ ମଧ୍ୟରେ ୭ ଶହ ମିଟର ପଥର ପ୍ୟାକିଂ ସହ ୬ଟି ବୁରୁଜ ନିର୍ମାଣ କରାଯିବ। ପଥର ପ୍ୟାକିଂ ଓ ବୁରୁଜ ନିର୍ମାଣ ପାଇଁ ଠିକାଦାରଙ୍କ ପକ୍ଷରୁ ହାଇୱାରେ ପ୍ରତିଦିନ ଓଭର ଲୋଡିଂ କରି ପଥର ନଦୀବନ୍ଧରେ ପରିବହନ କରାଯାଉଛି। ଫଳରେ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ସରକାରଙ୍କ ନିୟମାନୁସାରେ ପରିବହନ କରୁଥିବା ହାଇୱାରେ ୧୫ରୁ ୨୦ଟନ୍ ପଥର ବୋଝେଇ ହୋଇ ଆସିବା କଥା। କିନ୍ତୁ ହାଇୱାରେ ୩୦ରୁ ୪୦ ଟନ ପଥର ବୋଝେଇ ହୋଇଆସୁଛି। ଏଥିଯୋଗୁ ନଦୀ ବନ୍ଧ ରାସ୍ତା ବହୁ ସ୍ଥାନରେ ଫାଟି ଗଲାଣି। ପରିବହନ ବିଭାଗ ପକ୍ଷରୁ ହାଇୱାଗୁଡିକରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ବାଧ୍ୟତା କରାଯାଇଥିବା ବେଳେ ଅଧିକାଂଶ ଗାଡ଼ିରେ ପୁରୁଣା ଓ ହାତଲେଖା ନମ୍ବର ପ୍ଲେଟ ଦେଖିବାକୁ ମିଳିଛି। ତେଣୁ ପରିବହନ କରୁଥିବା ଗାଡିଗୁଡିକର ଫିଟ୍‌ନେସ, ଇନ୍ସୁରାନ୍ସ, ଲାଇସେନ୍ସ ଆଦି ଅଛି କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପଥର ଗାଡିଗୁଡିକ ରାତିରେ ଆସି ସକାଳେ ନଦୀ କୂଳରେ ପହଞ୍ଚୁ ଥିବା ସ୍ଥାନୀୟ ବାସିନ୍ଦା ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଦେବୀ ନଦୀର ବାମ ପାର୍ଶ୍ୱଟି ଜଗତ୍‌ସିଂହପୁର, କଟକ, ପୁରୀ ଜିଲାର ସୀମାନ୍ତ ଅଞ୍ଚଳରେ ରହିଛି। ସେହିପରି ଦେବୀ ନଦୀ ବନ୍ଧଟି ନିମାପଡା, ଜଗତ୍‌ସିଂହପୁର, ନିଆଳି ଜଳ ସେଚନ ବିଭାଗ ଅଧୀନରେ ରହିଛି। ଯେହେତୁ ବନ୍ଧଟି ସୀମାନ୍ତ ଅଞ୍ଚଳରେ ରହିଛି କୌଣସି ବିଭାଗର ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ପଥର ବୋଝେଇ ଗାଡି ବିଶେଷକରି ନିଆଳି ଓ କାକଟପୁର ଥାନା ଦେଇ ଆସୁଥିବା ବେଳେ ପୁରୀ ଓ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ରହୁଛି। ପଥର ବୋଝେଇ ଗାଡି ଆସିବା ସମୟରେ କୌଣସି ତନଖି ହେଉ ନ ଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ପୁରୀ ଓ କଟକ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ। ଏ ସମ୍ପର୍କରେ କାକଟପୁର ଜଳସେଚନ ବିଭାଗର ଯନ୍ତ୍ରୀ ତପନ ନାୟକଙ୍କୁ ପଚାରିବାରେ ଯେଉଁ ବାଟ ଦେଇ ହାଇୱାରେ ପଥର ପରିବହନ ହେଉଛି ସେହି ବନ୍ଧ ସବୁ ନଷ୍ଟ ହେଉଛି। ସେହି ବନ୍ଧରେ ମୋରମ ପକାଇବାକୁ କାମ କରୁଥିବା ଠିକାଦାରଙ୍କୁ କୁହାଯାଇଛି। ଠିକାଦାର କେତେକ ସ୍ଥାନରେ ମୋରମ ପକାଇଥିବା ବେଳେ ପରେ ପୁଣି ମୋରମ ପକାଇବ ବୋଲି କହିଛନ୍ତି। ସେହିପରି ପଥର ପରିବହନ କରୁଥିବା ହାଇୱାଗୁଡିକ ଓଭର ଲୋଡିଂ ଯୋଗୁ ନଦୀବନ୍ଧର ଏପରି ଅବସ୍ଥା ହୋଇଛି ବୋଲି ସେ କହିଛନ୍ତି।


ହାଇୱାରେ ଲୋଡଠାରୁ ଅଧିକ ପଥର ନେବା ଦ୍ୱାରା ଦେବୀ ନଦୀବନ୍ଧ ଫାଟିଯାଇଛି।


ବିନା ନମ୍ବର ପ୍ଲେଟରେ ନୂଆ ହାଇୱାରେ ପଥର ପରିବହନ କରାଯାଉଛି।

# ମନ ଜିଣିଲେ ସତ୍ୟଜିତ୍, ଅନ୍ତରା

ବୁଗୁଡ଼ା,୨୯।୧(ଡି.ଏନ୍.ଏ.)

ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ପାଦଦେଶସ୍ଥ ମହୋତ୍ସବ ପ୍ରାଙ୍ଗଣରେ ଆୟୋଜିତ ତ୍ରିଦିବସୀୟ ବୁଦ୍ଧଖୋଲ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ବୁଦ୍ଧଖୋଲ ଉନ୍ନୟନ ସମିତିର କାର୍ଯ୍ୟକାରୀ ସଭାପତି ଧରଣୀ ଧର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଗୋଲାପ ସାହୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା ଏବଂ ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ



ସାଂସ୍କୃତିକ କାର୍ଯ୍ୟକ୍ରମର ଏକ ଦୃଶ୍ୟ।


ଅନ୍ତରା ଚକ୍ରବର୍ତ୍ତୀ

## ବୁଦ୍ଧଖୋଲ ମହୋତ୍ସବ ଉଦ୍‌ଯାପିତ

ଶେଖର ମିଶ୍ର,ଗୋଷ୍ଠୀ ଶିକ୍ଷାଧିକାରୀ କବିବର ପ୍ରଧାନ, ବୁଗୁଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ଦର୍ଶକଙ୍କୁ ଉତ୍ସାହିତ କରିବା ସାଙ୍ଗକୁ ଅଞ୍ଚଳର ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କ ସମେତ କୃତି ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶାର ପ୍ରଖ୍ୟାତ ଗାୟକ ସତ୍ୟଜିତ୍ ପ୍ରଧାନ ଓ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ଲୋକଙ୍କୁ ମତୁଆଲା କରିଥିବା ବେଳେ ସୁଧାକର ମିଶ୍ରଙ୍କ ଭଜନ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ରାଜୁ ଦାସଙ୍କ ବ୍ୟଙ୍ଗ ଲୋକଙ୍କୁ ହସାଇ ହସାଇ ବେଦମ କରିଥିଲା। ଏଥି ସହ ଛତ୍ରପୁର କଳା ବିକାଶ କେନ୍ଦ୍ରର ସମ୍ବଲପୁରୀ ଓ ସାଈଶ୍ରୀ ଏକାଡେମୀର ଓଡ଼ିଶୀ ନୃତ୍ୟ, କାନନକୁଟୀର ମା’ କାଳୀ ଢୋଲ ଚାଙ୍ଗୁ ନୃତ୍ୟ, ଆଦିପୁର ମା’ ଠାକୁରାଣୀ ବାଘ ବୃଷଭ ନୃତ୍ୟ, ଗଜପତି ବନ୍ଦେ ମାତରଂ ଡ୍ୟାନ୍ସ ଓ ମ୍ୟୁଜିକ ସ୍କୁଲର ନୃତ୍ୟ, ଭଞ୍ଜନଗର ପ୍ରଜ୍ଞା ସଙ୍ଗୀତ ଓ ନୃତ୍ୟାୟନ କେନ୍ଦ୍ରର ନୃତ୍ୟ, ପୁରୀ ଆଦିତ୍ୟ ଡ୍ୟାନ୍ସ ଗ୍ରୁପର ନୃତ୍ୟ, ବ୍ରହ୍ମପୁରର ସ୍କେଟିଙ୍ଗ ଡ୍ୟାନ୍ସ ଗ୍ରୁପର ନୃତ୍ୟ ସାଙ୍ଗକୁ ବୁଗୁଡ଼ା ଓମ ଡ୍ୟାନ୍ସ ଗ୍ରୁପ, ମହିଳା ମହାବିଦ୍ୟାଳୟ, ନିୟୁ ଏରା ପବ୍ଲିକ ସ୍କୁଲ ଆଦିର ନୃତ୍ୟକୁ ଦର୍ଶକ ମନ ଭରି ଉପଭୋଗ କରିଥିଲେ। ଉକ୍ତ ଉତ୍ସବରେ ଉପସ୍ଥାପକ ଭାବେ ସାର୍ଥକ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବୁଦ୍ଧଖୋଲ ଉନ୍ନୟନ ସମିତିର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାସ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ମହୋତ୍ସବ କାଳରେ ପୋଲିସ ପ୍ରଶାସନର ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା।


ସତ୍ୟଜିତ୍ ପ୍ରଧାନ

# ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ

ଖଣ୍ଡପଡା,୨୯।୧(ସ୍ୱ.ପ୍ର)

ବିଦ୍ୟୁତ୍ ବିତରକ କମ୍ପାନୀ ଟାଟା(ଟିପିସିଓଡିଏଲ) ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ପରିଚାଳନା ଦାୟିତ୍ୱ ନେବା ପରେ ଉପଭୋକ୍ତାମାନଙ୍କୁ ଉତ୍ତମମାନର ଗ୍ରାହକ ସେବା ଯୋଗାଇ ଦେବା ପାଇଁ ପ୍ରୟାସ ଜାରି ରଖିଛି । ତୃଣମୂଳସ୍ତରରୁ ଉପଭୋକ୍ତାମାନେ କିପରି ସୁବିଧାରେ ଓ ସହଜରେ ସେମାନଙ୍କ ସମସ୍ୟା ସମାଧାନ କରି ପାରିବେ ତା’ଉପରେ ଗୁରୁତ୍ୱ ଦିଆଯାଇଛି । ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଗ୍ରାହକମାନେ ସମ୍ପର୍କ ରଖିପାରିବେ ସେଥି ନିମନ୍ତେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ୨ୟ ପର୍ଯ୍ୟାୟରେ ନୟାଗଡ଼ ବିଦ୍ୟୁତ ଡ଼ିଭିଜନ ଅଧୀନ ଖଣ୍ଡପଡା ବିଦ୍ୟୁତ ଉପଖଣ୍ଡ ଶିଖରପୁର, ଖଳିସାହି, ବଡବାଣପୁର, ବେଣାଗାଡିଆ ଓ ସିଂଘାପଡା ଆଦି ୫ଟି ସ୍ଥାନରେ ବିଭାଗ ପକ୍ଷରୁ ଗ୍ରାହକ ସେବା କେନ୍ଦ୍ର (ଫିଉଜ କଲ ସେଣ୍ଟର) ଉଦ୍‌ଘାଟନ କରାଯାଇଛି । ଉକ୍ତ କେନ୍ଦ୍ରରେ ଗ୍ରାହମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ପୃଥକ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ସେକ୍ସନ ମ୍ୟାନେଜର ବିନୋଦ କୁମାର ମହାରଣା ଓ କଣ୍ଟିଲୋ ସେକ୍ସନ ମ୍ୟାନେଜର ରମେଶ କୁମାର ସାହୁଙ୍କ ସମେତ ଶିଖରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନବ କିଶୋର ସାହୁ, ଖଳିସାହି, ବେଣାଗାଡିଆ, ସିଂଘାପଡା, ବାଣପୁରର ସରପଞ୍ଚ ଯଥାକ୍ରମେ ଫକୀର ମୋହନ ଦାସ, ବଳରାମ ମଲ୍ଲିକ, ସୁନୀଲକୁମାର ପ୍ରଧାନ ଓ ପ୍ରତିମା ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବି ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।


ସେବାକେନ୍ଦ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

# ସିନ୍ଦୁରିଆରେ ଗ୍ରାମୀଣ ବଜାର ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

ନୟାଗଡ଼ ଅଫିସ,୨୯।୧

ନୟାଗଡ଼ ସହର ଉପକଣ୍ଠ ସିନ୍ଦୁରିଆରେ ରବିବାର ଗ୍ରାମୀଣ ବଜାର ଉଦ୍‌ଘାଟିତ ହୋଇଛି। କୃଷକର ଉତ୍ପାଦିତ ଦ୍ରବ୍ୟ ଗ୍ରାମୀଣ ବଜାରରେ ବିକ୍ରୀ ଓ ଖାଉଟି ଜୈବିକ ଉପାୟରେ ଉତ୍ପାଦିତ ଖାଦ୍ୟ ପାଇବା ପାଇଁ ଏହି ବଜାର ସ୍ଥାପନ କରାଯାଇଛି । ଏହାକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ନାବାର୍ଡ ଡିଡିଏମ୍ ତୃପ୍ତି ତାପଶୀ, କାପସର ସ୍କଚମ୍ୟାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏ ଅବସରରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକଙ୍କ ସମେତ ଅନ୍ୟମାନେ ଜୈବିକ ଉପାୟରେ ଉତ୍ପାଦିତ ଖାଦ୍ୟ ପାଇବା ପାଇଁ ଗ୍ରାମୀଣ ବଜାରରୁ ସାମଗ୍ରୀ କିଣିବାକୁ ପରାମର୍ଶ ଦେଇଥିଲେ ।

ନୟାଗଡ଼ ଜିଲା ରଣପୁର ବ୍ଲକର ରଙ୍କଦେଉଳି ଉତ୍ପାଦକ କମ୍ପାନୀ ୨୦୧୮ରୁ ଗଠିତ ହୋଇଛି । ଏହି କମ୍ପାନୀ ଜୈବିକ ଚାଷର ପ୍ରଦର୍ଶନ, ପ୍ରସାର ଓ ଏହାର ବ୍ୟବସାୟ ପାଇଁ ଚେଷ୍ଟା ଜାରି ରଖିଛି ।

### କୃଷକର ଉତ୍ପାଦିତ ଦ୍ରବ୍ୟ ବଜାରରେ ହେଲା ବିକ୍ରି

ଏହି ଉତ୍ପାଦକ କମ୍ପାନୀରେ ୫ଶହ କୃଷକ ସାମିଲ ହୋଇ ପାଖାପାଖି ୩୦ ଲକ୍ଷ ଟଙ୍କାର ବ୍ୟବସାୟ କରି ସାରିଲେଣି । ତେବେ କୃଷକର ଉତ୍ପାଦକ ସାମଗ୍ରୀ ବିକ୍ରୟ ପାଇଁ ବଜାର ସୁବିଧା ନ ଥିବାରୁ ନାବାର୍ଡ ଓ ଆଇସିଆଇ ସହାୟତାରେ ସିନ୍ଦୁରିଆରେ ଗ୍ରାମୀଣ ବଜାର କରାଯାଇ ବିକ୍ରିବଟା ସୁବିଧାରେ ହେବା ପାଇଁ ବ୍ୟବସ୍ଥା କରାଯାଇଛି । ଏଠାରେ କୃଷି ଉତ୍ପାଦ, କୃଷି ଉପକରଣ ଉପଲବ୍ଧ ହେଉଛି । ଆଗାମୀ ଦିନରେ ଏହା ପୁଣି ବଢ଼ିବାର ରହିଛି । ଏଠାରୁ ଜିନିଷ କିଣିଲେ ଅଧିକ ପଇସା ହୋଇପାରେ ତେବେ ଘରୋଇ ଖାଦ୍ୟରେ ପୂର୍ବରୁ ବ୍ୟବହୃତ ଉପକରଣ ମିଳି ପାରୁଛି । ଜିଲାରେ ରଙ୍କଦେଉଳି ପରି ଗୋପାଳପୁର, ଗୌରାଙ୍ଗପୁର ଓ ପଞ୍ଚୁପାଣ୍ଡବ ଉତ୍ପାଦକ କମ୍ପାନୀ ରହିଛି । ନୂଆଗାଁ ବ୍ଲକର ପଞ୍ଚୁପାଣ୍ଡବ ଉତ୍ପାଦକ କମ୍ପାନୀକୁ ଛାଡିଦେଲେ ଅନ୍ୟ ୩ଟି ଉତ୍ପାଦକ କମ୍ପାନୀ ରଣପୁର ବ୍ଲକରେ ରହିଛି ।

## ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ




**ଦଶପଲ୍ଲା,୨୯।୧(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଟାକରା ମଣିନାଗ ବହୁମୁଖୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ଉତ୍ସବ ଦ୍ୱିତୀୟ ଦିବସରେ ଉଦ୍‌ଯାପିତ ହୋଇଯାଇଛି । ରବିବାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା , ମୁଖ୍ୟବକ୍ତା ଦଶପଲ୍ଲା ବ୍ଲକ୍ ଅଧକ୍ଷା ସୁନନ୍ଦା ସାହୁ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନୀ ଓ ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ ରାଧାମୋହନ କର୍ମୀ ସଂଯୋଜନା କରିଥିଲେ । ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଶରଣକୁଳ,୨୯।୧(ଡି.ଏନ.ଏ.)

ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ରବିବାର ଉଦ୍‌ଯାପିତ ହୋଇ ଯାଇଛି । ପ୍ଲାଟିନମ ଜୁବୁଲିର ସଭାପତି ବିକ୍ରମ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ପଞ୍ଚରିଡା ବନାଞ୍ଚଳ ଅଧିକାରିଣୀ ଅର୍ଚ୍ଚନା ଗମାଙ୍ଗ, ଶରଣକୁଳ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ରଥ ଓ ବିଭୁଦତ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ନୟାଗଡ଼ ଜିଲାର ସର୍ବପୁରାତନ ବିଦ୍ୟାଳୟ ମଧ୍ୟରୁ ଅନ୍ୟତମ ନାରାୟଣ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଆମର ଲକ୍ଷ୍ୟ ରହିବା ଉଚିତ ବୋଲି ମୁଖ୍ୟଅତିଥି କହିଥିଲେ । ଦୁଇ ଦିନ ଧରି ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ଶ୍ରେଷ୍ଠ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ କଟକର ଗୀତସନ୍ଧ୍ୟା ମେଲୋଡି ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ପରିବେଷଣ କରାଯାଇଥିଲା ।

## ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା

### ଫେବୃୟାରୀ ୨୦ରେ ଜଗା ଦର୍ଶନ ଯାତ୍ରା

ନୟାଗଡ଼ ଅଫିସ,୨୯।୧

ନୟାଗଡ଼ ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ଅଧିବେଶନ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରମୋଦ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ । ସଙ୍ଗଠନକୁ ସୁଦୃଢ଼ କରିବାକୁ ଭାପୁରର ପ୍ରଭାକର ସାହୁଙ୍କୁ ଜିଲା ସମ୍ପାଦକ, ଖଣ୍ଡପଡ଼ାର ବିନାୟକ ମିଶ୍ର ଓ ସୁନାଖଳାର ଦୁର୍ଗାଚରଣ ଦାସଙ୍କୁ ଉପସଭାପତି, ଶରଣକୁଳର ସତ୍ୟ ନାରାୟଣ ମିଶ୍ରଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି । ଜିଲାର ଗଣିଆ, ନୂଆଗାଁ, ଦଶପଲ୍ଲା, ରଣପୁର ପରି ଅଞ୍ଚଳରେ ପରବର୍ତ୍ତୀ ପର୍ଯ୍ୟାୟରେ କର୍ମକର୍ତ୍ତା ଚୟନ କରାଯିବ । ଅପରପକ୍ଷେ ଫେବୃୟାରୀ ୨୦ରେ ଟ୍ରେନ ଯୋଗେ ଜଗା ଦର୍ଶନ କରାଯିବାକୁ ନିଷ୍ପତ୍ତି ହୋଇଛି । ଆଗାମୀ ସାଧାରଣ ସଭା ପଠାଣୀ ସାମନ୍ତ ବରିଷ୍ଠ ନାଗରିକ ଫୋରମରେ କରାଯିବାକୁ ପ୍ରସ୍ତାବ ଗ୍ରହଣ ହୋଇଛି ।

# ପର୍ବତାରୋହଣ ତାଲିମ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୯।୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଆଶା ଓଡ଼ିଶା ମିଳିତ ଆନୁକୂଲ୍ୟରେ ୪ଦିନିଆ ବିଶ୍ୱବିଦ୍ୟାଳୟସ୍ତରୀୟ ଦୁଃସାହସିକ ପର୍ବତାରୋହଣ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ଏନ୍‌ଏସ୍‌ଏସ୍ ସଂଯୋଜକ ଡ.ଜୟନ୍ତ କୁମାର ପଣ୍ଡାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଶିବିରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଏହାସହ ଅନୁବନ୍ଧିତ ଗଞ୍ଜାମ, ଗଜପତି ଓ କନ୍ଧମାଳର ବିଭିନ୍ନ ମହାବିଦ୍ୟାଳୟର ୪୯ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀମାନେ ଗୁରୁବାର ବିଶ୍ୱବିଦ୍ୟାଳୟରୁ ବାହାରି ଚଣ୍ଡିପୁଟସ୍ଥିତ ଇନ୍ଦିରା ସ୍ମାରକୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଏଠାରୁ ଚାନ୍ଦିପୁଟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ସହଯୋଗରେ ସ୍ୱେଚ୍ଛାସେବୀମାନେ ମହେନ୍ଦ୍ରଗିରି ପର୍ବତ ପାଦଦେଶରେ ପହଞ୍ଚିଥିଲେ। ସ୍ୱେଚ୍ଛାସେବୀମାନେ ଏଠାରେ ତମ୍ବୁ ଭିତରେ ରାତ୍ରିଯାପନ କରି ପ୍ରଶିକ୍ଷଣ ସୁବିଧା ଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ପର୍ବତ ଆରୋହଣର କୌଶଳ, ପ୍ରତିକୂଳ ପରିସ୍ଥିତିରେ ନିଜର ରକ୍ଷା, ଅନ୍ୟମାନଙ୍କୁ ଉଦ୍ଧାର କରିବା କୌଶଳ ଓ ଦଉଡ଼ି ସାହାଯ୍ୟରେ ନଦୀ ପାର କୌଶଳ ସହ ସ୍ୱେଚ୍ଛାସେବୀଙ୍କୁ ପରସ୍ପର ଭିତରେ ସଂହତି ରକ୍ଷା, ପ୍ରକୃତି ସହ ନିଜର ସଂଯୋଗ, ଆତ୍ମବିଶ୍ୱାସ କିପରି ବୃଦ୍ଧି କରାଯାଇପାରିବ ସେ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ମହେନ୍ଦ୍ରଗିରି ଶିଖର ଆରୋହଣ ସହ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ସଚେତନାତ୍ମକ ନାଟକ ପରିବେଷଣ ସହ ଶିବିର ଶେଷରେ ପାଦଦେଶରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କରି ଅଳିଆ ସଫା ସହ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ଏହି ତାଲିମ ଶିବିରକୁ ଖ୍ୟାତି ସମ୍ପନ୍ନ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ଓ ତାଙ୍କର ପ୍ରଶିକ୍ଷଣ ଦଳ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରିଥିଲେ।


ମହେନ୍ଦ୍ରଗିରି ପର୍ବତରେ ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀ ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ଭାଜପାକୁ କ୍ଷମତାରୁ ହଟାଇବାକୁ ଆହ୍ୱାନ

- ବାମପନ୍ଥୀ, ଅଣଭାଜପା ଦଳ ଏକାଠି ହେବାକୁ ଗୁରୁତ୍ୱ
- ବ୍ରହ୍ମପୁର ସିପିଆଇ ବୈଠକରେ ପ୍ରସ୍ତାବ

ବ୍ରହ୍ମପୁର ଅଫିସ,୨୯।୧

ସିପିଆଇ ବ୍ରହ୍ମପୁର ଆଞ୍ଚଳିକ କମିଟି ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନ୍‌ଡିଏ ଏବଂ ରାଜ୍ୟ ବିଜେଡି ସରକାରଙ୍କ ଜନ ବିରୋଧୀ ନୀତିର କଡ଼ା ସମାଲୋଚନା କରାଯାଇଥିଲା। ଗଞ୍ଜାମ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବାର ନିଷ୍ପତ୍ତି ନିଆଯାଇଥିବା ବୈଠକ ଶେଷରେ ଏହି ସୂଚନା ଦିଆଯାଇଛି।

ଉପସ୍ଥାପିତ ରାଜନୈତିକ ଚିଠା ପ୍ରସ୍ତାବରେ ସାମ୍ପ୍ରଦାୟିକ ଶକ୍ତିକୁ ମୂଳପୋଛ କରିବା ଏବଂ ଶାସନ କ୍ଷମତାରୁ କେନ୍ଦ୍ର ସରକାରଙ୍କୁ ହଟାଇବା ପାଇଁ ବାମପନ୍ଥୀ, ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ସଂଗଠନଗୁଡ଼ିକ ଏକଜୁଟ ହେବା ସହ ଅଣ ଭାଜପା ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳକୁ ନେଇ ବିକଳ୍ପ ସଂଗଠନ ଗଢ଼ିବା ନିମନ୍ତେ ଆହ୍ୱାନ ଦିଆଯାଇଛି। ବୈଠକରେ ରବୀନ୍ଦ୍ର କୁମାର ନାୟକ ଅଧକ୍ଷତା କରିଥିବା ବେଳେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଇତିମଧ୍ୟରେ ଆନ୍ଧ୍ରପ୍ରଦେଶର ବିଜୟୱାଡାଠାରେ ଅନୁଷ୍ଠିତ ପାର୍ଟିର ୨୪ତମ କଂଗ୍ରେସରେ ନିଆଯାଇଥିବା ରାଜନୈତିକ ଓ ସାଙ୍ଗଠନିକ ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ସମ୍ପାଦକ ଉପସ୍ଥିତ କର୍ମୀ ଓ ନେତାଙ୍କୁ ସଚେତନ କରାଇଥିଲେ। ବୈଠକରେ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ନୀଳକଣ୍ଠ ଦାସ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କ୍ଷୀରୋଦ ସିଂଦେଓ, ଆଞ୍ଚଳିକ କମିଟି ସମ୍ପାଦକ କାମଦେବ ନାହାକ, ମହମ୍ମଦ ଉସ୍ମାନ, ରୋହିତ ବିଶୋୟୀ, ମହେନ୍ଦ୍ର ପାତ୍ର, ପ୍ରଭାତୀ ଦେବୀ, ସୁଧାଂଶୁବାଳା ଆଚାରୀ ଓ କସ୍ତୁରୀ ମହାରଣା ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସୁପ୍ରଭା ମିଶ୍ର ଲାଲ ପତାକା ଉତ୍ତୋଳନ କରିଥିଲେ।



ବୈଠକରେ ଉପସ୍ଥିତ ସିପିଆଇ ନେତୃବୃନ୍ଦ ।

# ଅର୍ଥକରୀ ଫସଲ ଆଖୁଚାଷ ହ୍ରାସ

କେନ୍ଦ୍ରାପଡ଼ା ଅଫିସ, ୨୯।୧

■ କୃଷି ଅର୍ଥନୀତିଭିତ୍ତିକ ଜିଲାରେ କୃଷକ ଗରିବ
■ ଜଳ ପରିଚାଳନା, ମଣ୍ଡିର ଅଭାବ
■ ନଦୀ ସଂଯୋଗୀକରଣ କେନାଲ ଆବଶ୍ୟକ

କେନ୍ଦ୍ରାପଡ଼ା ଜିଲାର ୭୦ ପ୍ରତିଶତ ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ଏହାସତ୍ତ୍ୱେ ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ଦୀର୍ଘଦିନ ଧରି ହେଉନାହିଁ। ପ୍ରାୟ ୧୫ ହଜାର ହେକ୍ଟର ଅଞ୍ଚଳରେ ହେଉଥିବା ଆଖୁଚାଷ ଚଳିତବର୍ଷ ୧ ହଜାର ହେକ୍ଟରକୁ ଛୁଇଁପାରିନାହିଁ। ସେହିପରି ଝୋଟ ପାଇଁ ପ୍ରସିଦ୍ଧିଲାଭ କରିଥିବା ଗବେଷଣା କେନ୍ଦ୍ର ଏବେ ଅକାମୀ ହୋଇପଡିଛି। ହରଡ଼, ସୂର୍ଯ୍ୟମୁଖୀଠାରୁ ଆରମ୍ଭ କରି ବହୁ ଅର୍ଥକରୀ ଫସଲ ଉତ୍ପାଦନ, ବିକ୍ରି ପାଇଁ ଜଳ ପରିଚାଳନା ଓ ମଣ୍ଡିର ଅଭାବ ଦେଖାଦେଇଛି। ଉନ୍ନତ ଜ୍ଞାନ କୌଶଳ ପ୍ରଦାନ ସହ ଉପାନ୍ତ ଅଞ୍ଚଳରେ ଥିବା ନଦୀଗୁଡିକ ସଂଯୋଗୀକରଣ ପାଇଁ ଏକ ବୃହତ୍ କେନାଲର ଆବଶ୍ୟକତା ଅଛି। ଏଥିପାଇଁ ଯୁବବର୍ଗ କୃଷିକୁ ଛାଡି ଅର୍ଥ ଉପାର୍ଜନ ପାଇଁ ବାହାରକୁ ଯାଉଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ପଟ୍ଟାମୁଣ୍ଡାଇର ଆଖୁଚାଷୀ ଅକ୍ଷୟ ବେହେରା କହିଛନ୍ତି, ଜିଲାର ଗରଦପୁର, ମାର୍ଶାଘାଇ, ଡେରାବିଶ, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ବ୍ଲକ ଅଞ୍ଚଳର ଚାଷୀ ୧୦ ବର୍ଷ ପୂର୍ବେ ଆଖୁଚାଷକୁ ପ୍ରାଧାନ୍ୟ ଦେଇଥିଲେ। ତତ୍କାଳୀନ ସମୟରେ ୧୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଅଞ୍ଚଳରେ ଆଖୁ ଚାଷ ହେଉଥିଲା। ନିକଟସ୍ଥ କୃଷ୍ଣଦାସପୁରରେ ଏକ ଆଖୁ ମିଲ୍ ହୋଇଥିଲା। ଏହି ମିଲ୍ ବନ୍ଦ ହେବା ସହ କ୍ଷେତକୁ ଜଳ ପରିଚାଳନା ଉକ୍ତ ଚାଷକୁ ନଷ୍ଟ କରିଛି। ବୃହତ୍ ବଜାର ଅଭାବରୁ ପର୍ବପର୍ବାଣି ପାଇଁ ମାତ୍ର ହଜାର ହେକ୍ଟର ଅଞ୍ଚଳରେ ଏବେ ଚାଷ ହେଉଛି। କେନ୍ଦ୍ରାପଡ଼ା ବ୍ଲକ କଂସାର ଗାଁର ଚାଷୀ ନିରଞ୍ଜନ ପରିଡା କହିଛନ୍ତି, ଜିଲାରେ ଚାଷ କରି ସାମ୍ପ୍ରତିକ ସମୟରେ ପରିବାର ପ୍ରତିପୋଷଣ କରିବା ବଡ଼ କଷ୍ଟକର। ୧୫ ଏକର ଜମିରେ ହରଡ଼ ଓ ସୂର୍ଯ୍ୟମୁଖୀ ଚାଷ ହେଉଥିବା ବେଳେ ଚଳିତବର୍ଷ ମଜୁରି ମୂଲ୍ୟ, ଜଳ ଯୋଗାଣ ଆଦି ଅସୁବିଧା ସୃଷ୍ଟି ହେବାରୁ କ୍ଷେତ ପଡ଼ିଆ ରହିବ। ବଜାରରେ ଉପଯୁକ୍ତ ମୂଲ୍ୟ ନ ମିଳିବାରୁ ବାଧ୍ୟ ହୋଇ ୨ ପୁଅଙ୍କ କର୍ମନିଯୁକ୍ତି ପାଇଁ ସୁରଟକୁ ଯାଇଛନ୍ତି। କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ସ୍ଲୋଗାନ ଓ ରାଜ୍ୟ ସରକାରଙ୍କ କେନ୍ଦ୍ରାପଡ଼ା ଜିଲାର କୃଷି ପ୍ରତି ବିଶେଷ ଧ୍ୟାନ ଦେବା ପ୍ରତିଶ୍ରୁତି ଏଠାରେ କାର୍ଯ୍ୟକାରୀ ହେଉନାହିଁ। ଦୀର୍ଘ ୨୫ ବର୍ଷ ଧରି ଜଳସେଚନ ପାଇଁ କେନାଲ ଖନନ ହୋଇ ନ ଥିବା ବେଳେ ଖରିଫ ଧାନ ଚାଷ ସମୟରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ରାଜ୍ୟରେ ପ୍ରତିବର୍ଷ ୨.୨୧ ଲକ୍ଷ ମେଟ୍ରିକ ଟନ ଚିନିର ଆବଶ୍ୟକତା ଅଛି। ଆଖୁଚାଷକୁ ପ୍ରୋତ୍ସାହନ ମିଳିବା କଥା। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଏହି ଚାଷ ଏବେ ହ୍ରାସ ପାଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଚିନିକଳକୁ ବନ୍ଦ କରାଯାଉଛି। ଉପଯୁକ୍ତ ବଜାର ମଣ୍ଡି ନ ହେଲେ ଚାଷୀ କ୍ଷତି ସହିବ। ବୁଦ୍ଧିଜୀବୀ ମୀର ଅବୁ ଓବେଦା କହିଛନ୍ତି, ଜିଲା ପାଇଁ ଜଳ ପରିଚାଳନା ଏକ ବଡ଼ ସମସ୍ୟା। ଏହାର ସମାଧାନ ପାଇଁ ଉପାନ୍ତ ଅଞ୍ଚଳରେ ଥିବା ନଦୀର ସଂଯୋଗୀକରଣ କେନାଲ ଆବଶ୍ୟକ। ବନ୍ୟା ସମୟରେ ଏହାକୁ ସୁପରିଚାଳନା କରିହେବ। ସେହିପରି ବିଭିନ୍ନ ବ୍ଲକେଜ ମାଧ୍ୟମରେ କ୍ଷେତକୁ ଜଳସେଚନ ହୋଇପାରିବ। ଏ ସମ୍ପର୍କରେ ଜଗତସିଂହପୁର ଜଗାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କୁ ପଚାରିବାରେ ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟ ଜୋନରେ ଅଛି। ଜିଲାରେ ଚାଷ ପାଇଁ ଉପଯୁକ୍ତ ପରିମାଣରେ ବର୍ଷା ହେଉଥିଲେ ମଧ୍ୟ ୪ ପ୍ରକାର ମାଟି ଅଛି। ଏହାକୁ ଭିତ୍ତିକରି ସମନ୍ୱିତ ଚାଷକୁ ଗୁରୁତ୍ୱ ଦିଆଯାଇଛି। ପୋଖରୀ, ପନିପରିବା, ଫଳ ଗଛ ଲଗାଇବାକୁ ପରାମର୍ଶ ଦିଆଯାଉଛି। ସେହିପରି ଛେଳି, କୁକୁଡ଼ା ପାର୍ମ, ଛତୁ, ହଳଦୀ ଓ ଔଷଧୀୟ ବୃକ୍ଷ ଜିଲାର ଅର୍ଥନୀତି କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବ ବୋଲି ସେ କହିଛନ୍ତି।


ପଟ୍ଟାମୁଣ୍ଡାଇର ଏକ କ୍ଷେତରୁ ଟ୍ରକ୍‌ରେ ଆଖୁ ନିଆଯାଉଛି।

## ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ନିମ୍ନମାନର ଅଭିଯୋଗ


ଡାଉନ୍ତରାଠାରୁ ବଣିଆପାଳ ଭାୟା ଗୋବିନ୍ଦପୁର ନିର୍ମାଣାଧୀନ ରାସ୍ତା।

ବିଞ୍ଝାରପୁର, ୨୯।୧ (ଡି.ଏନ.ଏ.)

ବିଞ୍ଝାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଡାଉନ୍ତରାଠାରୁ ବଣିଆପାଳ ଭାୟା ଗୋବିନ୍ଦପୁର ପର୍ଯ୍ୟନ୍ତ ୬.୧୪୦କିମି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ଚାଲିଥିବା ରାସ୍ତାଟି ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ନିର୍ମାଣାଧୀନ ରାସ୍ତା ୫.୪୩୪କିମି ପିଚୁ ଓ ୦.୭୦୬ କିମି କଂକ୍ରିଟ ହେବା ସହ ୧୮ଟି କଲ୍‌ଭର୍ଟ ହେବ ବୋଲି ଫଳକରେ ଦର୍ଶାଯାଇଛି। ରାସ୍ତାର ଉଭୟପାର୍ଶ୍ୱ ଖୋଳା ଯାଇ ମାସମାସ ପକାଯାଇଛି। ରାସ୍ତାରେ ଧୂଳି ମାଟି ଜମା ହୋଇରହିଛି। ରାସ୍ତାରେ ପାଣି ପକାଇବାର ବ୍ୟବସ୍ଥା ଥିବାବେଳେ ଠିକାଦାର ତାହା କରୁନାହାନ୍ତି। ଫଳରେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଳି ଯୋଗୁ ରାସ୍ତା ପାର୍ଶ୍ୱରେ ଥିବା ଘରଗୁଡିକରେ ଲୋକ ରହିବା କଷ୍ଟକର ହୋଇପଡିଛି। ଅନ୍ୟପକ୍ଷେ ଖୋଳା ଯାଇଥିବା ରାସ୍ତା ପାର୍ଶ୍ୱରେ ବାଲି ପକାଯାଇ ପାଣି ପକାଯିବା ସହ ରୋଲିଂ କରିବାର ବ୍ୟବସ୍ଥା ଥିଲାବେଳେ ଠିକାଦାର ତାହା କରୁନ ଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ଚାଲିଥିବାବେଳେ ବିଭାଗୀୟ କୌଣସି ଯନ୍ତ୍ରୀ କାର୍ଯ୍ୟ କ୍ଷେତ୍ରକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ରାସ୍ତାରେ ବ୍ୟବହୃତ ଡଷ୍ଟ, ଚିପ୍ସ ଓ ମେଟାଲର ପରିମାଣ ଠିକ୍ ନ ଥିବା, ରାସ୍ତାର ଚଉଡା ଓ ଉଚ୍ଚତା କାମ ଥିବା ଗ୍ରାମର ଆକାଶ ନାୟକ, ସନ୍ତୋଷ ସାହୁ, ଦ୍ୱାରିକା ନାୟକ, ଅଭିମନ୍ୟୁ ସାମଲ, ସନ୍ତୋଷ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ ରାସ୍ତାରେ ପାଣି ପକାଇବାକୁ ଠିକାଦାରଙ୍କୁ କୁହାଯିବା ସହ କାମକୁ ତଦାରଖ କରିବେ ବୋଲି ସେ କହିଛନ୍ତି।

## ମିଲର ଆସୁନାହାନ୍ତି, ମଣ୍ଡିରେ ଧାନ ଗଦା ହୋଇଛି

ବିଞ୍ଝାରପୁର, ୨୯।୧(ଡି.ଏନ.ଏ.)

**ଚାଷୀ ୨୫ ଦିନ ହେଲା ଶୀତ କାକରରେ ପଡ଼ି ରହିଛନ୍ତି**

ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ଟୋକନର ଅବଧି ସରିବାକୁ ବସିଥିବା ବେଳେ ମିଲର ଚାଷୀଙ୍କଠାରୁ ଧାନ କିଣୁନାହାନ୍ତି। ୨୫ ଦିନ ହେଲା ମଣ୍ଡିରେ ଧାନ ଜମାକାରୀ ଶୀତ କାକରରେ ଗାଡି ଅପେକ୍ଷାରେ ଚାଷୀ ପଡି ରହଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ବିଞ୍ଝାରପୁର ଶାଖା ଅଧୀନ ଗୁହଳି ପଞ୍ଚାୟତରେ ଗୋବିନ୍ଦପୁର ଗାଁରେ। ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଗୁହଳି, କରୁଣା ଓ ଗୋବିନ୍ଦପୁର ରାଜସ୍ୱ ଗ୍ରାମର ଚାଷୀ ମଧୁ ପରିଡା, କରୁଣାକର ଦାଶ, ଶ୍ୟାମସୁନ୍ଦର ମିଶ୍ର, ମୋହନ ଚରଣ ଭୂୟାଁ, ଜନ୍ମଜୟ ମହଲ, ମୁରଲୀଧର ଧଳ, ସୁଧାଂଶୁ ଶେଖର ପଣ୍ଡା, ପୂର୍ଣଚନ୍ଦ୍ର ଶତପଥୀଙ୍କ ସମେତ ଶତାଧିକ ଚାଷୀ ମଣ୍ଡିରେ ଧାନ ଦେବାକୁ ନାମ ପଞ୍ଜୀକରଣ କରିଥିଲେ। ଚଳିତ ମାସ ୪ ତାରିଖରେ ମଣ୍ଡିରେ ଧାନ ଦେବାକୁ ଚାଷୀମାନଙ୍କୁ ଟୋକନ ମିଳିଥିଲା। ଟୋକନ ଅନୁଯାୟୀ, ଚାଷୀ ଧାନ ଦେବାକୁ ଗତ ୪ ତାରିଖରୁ ଅପେକ୍ଷା କରିଛନ୍ତି। ୨୫ ଦିନ ହେଲା ଚାଷୀ ଧନକୁ ନେଇ ଗୋବିନ୍ଦପୁରସ୍ଥିତ ଏ.ଜି. ଆଇ. ହାଇସ୍କୁଲ ପଡ଼ିଆରେ ଜମା କାରଛନ୍ତି। ଗାଡି ଆଜି ଆସିବ କାଲି ଆସିବ କହି ଚାଷୀଙ୍କୁ ଭଣ୍ଡା ଯାଉଛି। ଚାଷୀ ୨୫ ଦିନ ହେଲା ଶୀତ କାକରରେ ଧାନକୁ ଜଗି ପଡିରହିଛନ୍ତି। ଅନ୍ୟପକ୍ଷେ ଟୋକନର ଅବଧି ଆଉ ମାତ୍ର ୪ ଦିନ ଥିବାବେଳେ ଚାଷୀ କିଭଳି ଧାନ ବିକ୍ରି କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି। ଶୀତ କାକରରେ ଖୋଲା ଆକାଶରେ ଚାଷୀ ଧାନକୁ ଜଗି ରୋଗର ଶିକାର ହୋଇଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିଏସ୍‌ଓ ସଲାଉଦ୍ଦିନ ଖାନଙ୍କୁ ପଚାରିବାରୁ ଚାଷୀଙ୍କ ସମସ୍ୟା ନେଇ ଜିଲାପାଳଙ୍କ ସହ ବୈଠକ ହୋଇଛି। ତୁରନ୍ତ ଚାଷୀଙ୍କଠାରୁ ଧାନ ନେବା ପାଇଁ ଗାଡି ପଠାଇବାକୁ ମିଲରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।


ଚାଷୀଙ୍କ ଧାନବସ୍ତା ମଣ୍ଡିରେ ପଡ଼ିରହିଛି।

## ଚିଙ୍ଗୁଡ଼ି ଘେରି କର୍ମଚାରୀଙ୍କ ଝୁଲନ୍ତା ମୃତଦେହ

ବାଲିକୁଦା, ୨୯।୧(ସ୍ୱ.ପ୍ର.)

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ବରମୁଣ୍ଡଳି ପଞ୍ଚାୟତର ଫୁଲବେଲାରୀ ଗ୍ରାମର ଏକ ଚିଙ୍ଗୁଡି ଘେରି ନିକଟ ଗୃହରୁ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଯାଜପୁର ରୋଡ ରାଣିପଡା ପଞ୍ଚାୟତ ମୂଳସାରା ଗ୍ରାମର ଶୁକଦେବ ଜେନା। ସେ ବର୍ଷେ ହେବ ନହରଣା ଗ୍ରାମର ପରମାନନ୍ଦ ସାହୁଙ୍କ ଫୁଲବେଲାରୀସ୍ଥିତ ଚିଙ୍ଗୁଡି ଘେରିରେ କାମ କରୁଥିଲେ। ତାଙ୍କର ମାନସିକ ସ୍ଥିତି ଭଲ ନ ଥିଲା। ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ବର୍ଷେ ହେବ ଶୁକଦେବ ଜେଲରେ ଥିଲେ। ଜେଲରୁ ବେଲ୍‌ରେ ଆସିବା ପରେ ଏହି ଚିଙ୍ଗୁଡ଼ି ଘେରିରେ କାମ କରୁଥିଲେ। ରବିବାର ସକାଳେ ଘେରିରେ କେହି ନ ଥିବା ବେଳେ ସେ ଏହା ନିକଟରେ ଥିବା ଗୃହର ଚାଳରେ ରଶି ଦେଇ ଝୁଲି ପଡ଼ିଥିବା ଆଶଙ୍କା କରାଯାଉଛି। ଖବରପାଇ ଅନନ୍ତପୁର ଫାଣ୍ଡି ଅଧିକାରୀ ପ୍ରମୋଦ ସେଠୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ଝୁଲି ରହିଥିବା ସୂଚନା ମିଳିଛି।

# ମାଗିଲେ ସମ୍ମାନ ମିଳେ

**ଜିଲା ମହୋତ୍ସବରେ ଯଯାତି, ନବରତ୍ନ ସମ୍ମାନ ପାଇଁ ଆବେଦନ କରିବାକୁ ନୋଟିସ**

ଯାଜପୁର ଅଫିସ, ୨୯।୧

ମାଗିଲେ ସମ୍ମାନ ମିଳେ। ଯାଜପୁର ଜିଲା ପ୍ରଶାସନିକସ୍ତରରେ ଏହା ଦେଖିବାକୁ ମିଳିଛି। ପ୍ରଶାସନର ଏଭଳି ନିଷ୍ପତ୍ତିକୁ ତଥ୍ୟଭିଜ୍ଞ ମହଲରେ ନାପସନ୍ଦ କରାଯାଇଛି। ଆସନ୍ତା ଫେବୃୟାରୀ ୮ରୁ ୧୩ ପର୍ଯ୍ୟନ୍ତ ଜିଲା ସଦର ମହକୁମା ବାଳାଶ୍ରମ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲା ମହୋତ୍ସବରେ ଏଭଳି ନୀତି ପ୍ରଣୟନ ହେଉଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନଜନକ ଯଯାତି ଓ ଯାଜପୁର ନବରତ୍ନ ଗୌରବ ସମ୍ମାନ ପ୍ରଦାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଇଛି। ହେଲେ ବିଡ଼ମ୍ବନା ଯେ, ଉକ୍ତ ସମ୍ମାନ ପାଇବାକୁ ହେଲେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। ଏଥିପାଇଁ ଆସନ୍ତା ଜାନୁୟାରୀ ୩୦ ସନ୍ଧ୍ୟା ସୁଦ୍ଧା ସମୟ ଧାର୍ଯ୍ୟ କରାଯାଇ ଏକ ନୋଟିସ କରାଯାଇଛି। ଉକ୍ତ ନୋଟିସରେ ଦର୍ଶାଯାଇଛି ଯେ, ଜିଲା ମହୋତ୍ସବକୁ ସରସ ସୁନ୍ଦର, ଆକର୍ଷଣୀୟ ଓ ସ୍ମରଣୀୟ କରିବା ପାଇଁ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। କଳା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ନେଇ ଜାତୀୟ, ରାଜ୍ୟ ତଥା ଜିଲାର କଳାକୁ ଉତ୍ସବ ମଞ୍ଚରେ ପ୍ରଦର୍ଶନ କରାଯିବ। ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା, ହସ୍ତଶିଳ୍ପ, କୃଷି, ମହିଳା ସଶକ୍ତୀକରଣ, ଶିକ୍ଷା, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଜିଲାର ବ୍ୟକ୍ତିମାନଙ୍କୁ ଉତ୍ସବରେ ଯାଜପୁର ନବରତ୍ନ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଜିଲା ଏବଂ ଜିଲା ବାହାରର ୨ ଜଣଙ୍କୁ ଯଯାତି ସମ୍ମାନ ଦିଆଯିବ ବୋଲି ଦର୍ଶାଯାଇଛି। ଐତିହ୍ୟ ଏବଂ ସଂସ୍କୃତିସମ୍ପନ୍ନ ଯାଜପୁର ଜିଲାରେ ସମ୍ମାନ ପାଇବାକୁ ହେଲେ ମାଗିବାକୁ ପଡ଼ିବ ନୀତି ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି।

### କ'ଣ କୁହନ୍ତି ଏମାନେ

**ଯୋଗ୍ୟଙ୍କୁ ଖୋଜି ବାହାର କରାଯାଉ**



ଆବେଦନ କରି ପୁରସ୍କାର ବା ସମ୍ମାନ ହାସଲ କରିବା ଆଦୌ ଗୌରବଜନକ ନୁହେଁ। ନିଜ ଦୃଷ୍ଟିରେ ସଭିଏ ଯୋଗ୍ୟ ଓ ଉତ୍ତମ। ଜିଲାର ଯୋଗ୍ୟତମ ବ୍ୟକ୍ତିଙ୍କୁ ଖୋଜି ବାହାର କରିବା କ'ଣ ପ୍ରଶାସନର ଦାୟିତ୍ୱ ନୁହେଁ କି। ଏହାଦ୍ୱାରା ଅନେକ ସ୍ୱାଭିମାନୀ ବ୍ୟକ୍ତି ସମ୍ମାନିତ ହେବାରୁ ବଞ୍ଚିତ ହେବେ। ପକ୍ଷପାତର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ମୋ ମତରେ ଯୋଗ୍ୟ ବ୍ୟକ୍ତିଙ୍କୁ ଖୋଜି ବାହାର କରାଯାଉ ଏବଂ ଅପାତ୍ରରେ ଦାନ କରା ନ ଯାଉ।

– ପ୍ରଜ୍ଞାପ୍ରବର୍ତ୍ତିକା ଦାସ, ସାହିତ୍ୟିକା ତଥା ପ୍ରାଧ୍ୟାପିକା
ବ୍ୟାସନଗର ସ୍ୱୟଂଶାସିତ କଲେଜ

**ଆବେଦନ କରି ସମ୍ମାନ ପାଇବାରେ ଆନନ୍ଦ ନ ଥାଏ**



ପ୍ରଶାସନ ପକ୍ଷରୁ ପ୍ରତିଭାବାନ, ସ୍ରଷ୍ଟା ବ୍ୟକ୍ତିଙ୍କୁ ଅନୁସନ୍ଧାନ କରି ଯଦି ପୁରସ୍କାର ପ୍ରଦାନ କରାଯାଆନ୍ତା, ତେବେ ସମ୍ମାନ ପାଇବା ଲୋକ ନିଜକୁ ଗୌରବାନ୍ୱିତ ମନେ କରନ୍ତେ। ନିଜେ ଆବେଦନ କରି ସମ୍ମାନ ପାଇବାରେ କୌଣସି ଆନନ୍ଦ ନଥାଏ।

– ହରେକୃଷ୍ଣ ପଣ୍ଡା, ସ୍ତମ୍ଭକାର, ବିଞ୍ଝାରପୁର

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମୃତା


@ ଆଶୁତୋଷ


@ ସାଗରିକା


@ ଜ୍ୟୋତି


@ ଗୁଡୁ


@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପିପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପ୍ରୀତିପୁର, ୨୮।୧(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଆଉଁରୀ ପଞ୍ଚାୟତ ଗୋବିନ୍ଦ ଚନ୍ଦ୍ର ଉଚ୍ଚବିଦ୍ୟାଳୟ ପଡ଼ିଆରେ ୫ ଦିବସୀୟ ପଞ୍ଚାୟତ ପ୍ରିମିୟର ଲିଗ୍(ପିପିଏଲ୍)କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ପଞ୍ଚାୟତର ୬ କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମାଟିଆକଣ ଓ ଡ଼ିହକୂଳା ମଧ୍ୟରେ ଖେଳାଯାଇଥିଲା। ୨ଦଳ ରୋମାଞ୍ଚକର ଖେଳ ପ୍ରଦର୍ଶନ କରିଥିଲେ। ଫଳରେ ଏକ ସୁପର ଓଭର ଖେଳ ଖେଳାଯାଇଥିଲା। ୬ଟି ବଲରେ ଡିହକୂଳା ୧୯ ରନ କରିଥିବା ବେଳେ ମାଟିଆକଣ ୧୦ରନ ଭିତରେ ରହିଥିଲା। ଫଳରେ ଡିହକୂଳା ଚାମ୍ପିୟନ ହୋଇଥିଲା। ଖେଳ ପରିଚାଳନା ଦାୟିତ୍ୱ ଭରତ ମଲ୍ଲିକ ଓ ସଞ୍ଜୀବ କୁମାର ଯେନା ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଞ୍ଝାରପୁର ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି କୈଳାସ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଉଁରୀ ସରପଞ୍ଚ ଅନ୍ନପୂର୍ଣ୍ଣା ଯେନା ଯୋଗଦେଇ ରନର୍ସ ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ସାମାଜିକ କର୍ମୀ ସୁରେନ୍ଦ୍ର ବେହେରା, ଉତ୍ତରକୂଳ ସରପଞ୍ଚଙ୍କ ପ୍ରତିନିଧି ବିନୟ ନାଥଙ୍କ ସମେତ ମୁଖ୍ୟଅତିଥି ଚମ୍ପିୟାନ ଡିହକୂଳା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଚନ୍ଦନ ବାରିକ ଓ ମ୍ୟାନ ଅଫ ଦି ସିରିଜ ମନିଷ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଖେଳ ପରିଚାଳନା ଦାୟିତ୍ୱରେ ଭରତ ଚନ୍ଦ୍ର ମଲିକ, ସଞ୍ଜିବ କୁମାର ଯେନା, ଶ୍ରୀକାନ୍ତ ଓଝା, ପ୍ରକାଶ ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଗଣେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନୟାଗଡ଼ ବ୍ଲକ କଂଗ୍ରେସର ବନ୍ଧୁମିଳନ

**ନୟାଗଡ଼ ଅଫିସ,୨୯।୧:** ନୟାଗଡ଼ ବ୍ଲକ ପ୍ରତାପପ୍ରସାଦସ୍ଥିତ ମା’ ଭୈରବୀ ଠାକୁରାଣୀ ମନ୍ଦିର ପରିସରରେ ନୟାଗଡ଼ ବ୍ଲକ କଂଗ୍ରେସର ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ପୂର୍ବତନ ସରପଞ୍ଚ ଫକୀର ଚରଣ ମଲ୍ଲଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୯ ପଞ୍ଚାୟତର ଦଳୀୟ କର୍ମୀ ଯୋଗ ଦେଇ ବୁଥସ୍ତରରୁ ଦଳର ନୂତନ ସଙ୍ଗଠନ ଆରମ୍ଭ କରିବା ଉପରେ ମତ ରଖିଥିଲେ । ନୟାଗଡ଼ରେ ଦଳୀୟ କାର୍ଯ୍ୟାଳୟ ଖୋଲିବା, ପ୍ରତି ଗାଁ ରେ କଂଗ୍ରେସର ହାତ ଚିହ୍ନ କାନ୍ଥବାଡ଼ ୱାଲିଂ କରାଇବା ପାଇଁ ନିଷ୍ପତ୍ତି ହୋଇଛି । ସେହିପରି ପ୍ରତ୍ୟେକ ପଞ୍ଚାୟତରେ ଦଳୀୟ କର୍ମୀ ସମ୍ମିଳନୀ କରାଯାଇ ବୁଥ କମିଟି ଗଠନ ଉପରେ ପ୍ରସ୍ତାବ ଆସିଥିଲା । ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ୍ ଦାଶ ଦଳର ନୂତନ ସଙ୍ଗଠନ ଆରମ୍ଭ ପାଇଁ କର୍ମୀ ମାନଙ୍କ ସମସ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଇବାକୁ ସମ୍ମତି ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନକୁଳ ଚନ୍ଦ୍ର ନାୟକ, ଭୁବନେଶ୍ୱର ରାୟ, ପୂର୍ଣ୍ଣଚନ୍ଦ୍ର ସାନ୍ତ, ଅମଜାଦ ଖାଁ, ରବୀନ୍ଦ୍ର କୁମାର ସାହୁ, ବିଜୟ କୁମାର ଦାସ, ଯୁବନେତା ଆଦିତ୍ୟ ପ୍ରସାଦ ପରିଡା, ଶେଖ ଅବଦୁଲ ଆହାଦ, ପ୍ରମୋଦ କୁମାର ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲ୍ଲ ପ୍ରମୁଖ ଯୋଗ ଦେଇ ଦଳକୁ ସୁସଙ୍ଗଠିତ କରାଇବା ପାଇଁ ମାର୍ଗଦର୍ଶନ କରାଇଥିଲେ ।

### ମଦର ଆବାସିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ନୟାଗଡ଼ ଅଫିସ,୨୯।୧:** ପାଣିପୋଇଲାସ୍ଥିତ ନୟାଗଡ଼ କଳା ପରିଷଦ ଓ ମଦର ଆବାସିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଚକ୍ରଧର ମହାଳିକ ଯୋଗ ଦେଇ ପ୍ରତିଷ୍ଠା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ରୂପେ ଚକ୍ରଧର ପ୍ରଧାନ, ଅଶ୍ୱିନୀ କୁମାର ନାୟକ,ସିଡବ୍ଲୁସି ମେମ୍ବର ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗ ଦେଇ ମନ ଦେଇ ପାଠ ପଢିବାକୁ ଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନ ପ୍ରତିଷ୍ଠାତା ତଥା ସମ୍ପାଦକ ପ୍ରଭାସିନୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଆକର୍ଷଣ ପତ୍ରିକାର ସମ୍ପାଦକ ସୁବାଶିଷ ମିଶ୍ର ଯୋଗ ଦେଇ ଥିବା ବେଳେ ସିପିଆଇ(ଏମ) ନେତା ବିଶ୍ୱନାଥ ମହାପାତ୍ର ଉପସ୍ଥିତ ଥିଲେ । ବିଦ୍ୟାଳୟ ତରଫରୁ ବନମାଳୀ ମିଶ୍ର, ଅମିତ ସାହୁ, ବିପିନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୁନିକୁନି କଳାକାର ତଥା ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଅନୁଷ୍ଠାନ ସମ୍ପାଦକ ପ୍ରଭାସିନୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

### ଖିବରଦାତାଙ୍କ ବନ୍ଧୁମିଳନ

**ଖଣ୍ଡପଡା,୨୯।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳର ମା’ପାଟଚଣ୍ଡୀ ପୀଠ ପରିସରରେ ଗଣମାଧମର ପ୍ରତିନିଧିମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା, ଭାପୁର, ବୋଲଗଡ଼ ଓ ଭୁବନେଶ୍ୱରରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଏବଂ ସାମାଜିକ ଗଣମାଧମର ୩୦ଜଣ ପ୍ରତିନିଧି ଯୋଗଦେଇଥିଲେ । ଏ ଅବସରରେ ଖବରଦାତା ପ୍ରିୟବ୍ରତ ସ୍ୱାଇଁ, ବାଳକୃଷ୍ଣ ରାଉତ ଓ ସାମାଜିକ କର୍ମୀ ମନୋଜ କୁମାର ମିଶ୍ରଙ୍କୁ ଉତ୍ତରୀୟ,ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତେ ମିଳିତ ହୋଇ ମା’ଙ୍କ ପୀଠ ପରିସରକୁ ସଫା କରିଥିଲେ । ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟା ଓ ରାଜନୈତିକ ପ୍ରସଙ୍ଗ ଉପରେ ପ୍ରତିନିଧିମାନେ ଆଲୋଚନା କରିଥିଲେ ।

# ବଢୁଛି ଗୋଷ୍ଠୀ ବିହନ ବ୍ୟାଙ୍କର ଚାହିଦା

**ନୟାଗଡ଼ ଅଫିସ,୨୯।୧**

- ଯେତିକି ବିହନ ନେବ ସେତିକି ଫେରାଇବାକୁ ପଡ଼ିବ
- ଲୋପ ପାଇ ଯାଉଥିଲା ଦେଶୀଧାନ ଚାଷ
- ୬୨ ପ୍ରକାରର ଦେଶୀ ଧାନ ବିହନ ଉପଲବ୍ଧ

ନୟାଗଡ଼ ଜିଲାରେ ଗୋଷ୍ଠୀ ବିହନ ବ୍ୟାଙ୍କ ସୃଷ୍ଟି ହେବା ପରେ ଦେଶୀ ଧାନ ଚାଷ ପ୍ରତି ଆଗ୍ରହ ବଢ଼ିଛି । ଚାଷୀ ଆବଶ୍ୟକ ଅନୁସାରେ ଯେତିକି ବିହନ ନେବ ସମ ପରିମାଣର ବିହନ ଫେରାଇବାକୁ ପଡୁଛି । ଗୋଷ୍ଠୀ ବିହନ ବ୍ୟାଙ୍କରେ ଏବେ ୬୨ ପ୍ରକାରର ଧାନ ବିହନ ଉପଲବ୍ଧ ହେଉଛି ।

କୃଷି ପ୍ରଧାନ ଜିଲା ନୟାଗଡ଼ରେ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଚାଷ ଜମି ହ୍ରାସ ପାଉଛି । ନଦୀ, ନାଳ ଓ ପାହାଡିଆ ଅଞ୍ଚଳର ଚାଷୀ କମ ଜମିରୁ ଅଧିକ ଫସଲ ପାଇଁ ଦେଶୀ ଧାନକୁ ଭୁଲି ସରକାରୀ ଧାନକୁ ଆପଣେଇ ନେଇଥିଲା । ଏଣୁ କଳାକୋଇଲି, ସାରିଆଗେଟା, ଝୁଂଝୁରୀ, ବୌଦିଆଚମ୍ପା, ମାଗୁରା, ନୃପତିଭୋଗ, ମୁକୁସଲା, ଅଳନ୍ଧୁକୁଟା, ଲାଣ୍ଡି, କଜଳଚମ୍ପା, ବଡତୁଳସୀ, କର୍ପୂରକେଳି, ବାୟାଭଣ୍ଡା, କସୁରୀ ଚମ୍ପା, ମୟରକଣ୍ଟା, ରଙ୍ଗମାଛକଣ୍ଟା, ଭୁତିଆ, ଜଙ୍ଗଲୀଜଟା, କଳାଜିରା, ଗୋପାଳଭୋଗ,ତୁଳସୀ, ଚିନାମାଳି, ବର୍ଷା, ପାଉଁଜି ପରି ଦେଶୀ ଧାନ ଜିଲାରୁ ଉଭେଇଗଲା । ଏଭଳି ସ୍ଥଳେ ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ରାଇସର ଗାଁରେ ଚାଷୀଙ୍କ ଗୋଷ୍ଠୀ ବିହନ ବ୍ୟାଙ୍କ ନୂଆ ଦିଶା ଦେଖାଇଥିଲା । ୨୦୧୯ରେ ଏହି ବିହନ ବ୍ୟାଙ୍କ ଖୋଲିଛି । ବିହନ ବ୍ୟାଙ୍କରେ ୬୨ ପ୍ରକାରର ଦେଶୀ ଧାନ ଉପଲବ୍ଧ ହେଲାଣି । ଧାନ ବିହନ ପରି ମାଣ୍ଡିଆ, ବିରି, ମୁଗ, ଚଣା, ରାଶି, ଜହ୍ନା, ଗୁରୁଚି, ସୁଆଁ, କାଙ୍ଗୁଲ, କାଙ୍ଗୁ ପରି ଅନ୍ୟ ବିହନ ଉପଲବ୍ଧ ହେଉଛି । ତେବେ ବିହନ ବ୍ୟାଙ୍କରେ ଦେଶୀ ଧାନକୁ



ମହିଳାମାନେ ବିହନ ବ୍ୟାଙ୍କ୍‌ରେ ଥିବା ଦେଶୀ ବିହନ ଦେଖାଉଛନ୍ତି ।

ପ୍ରାଧାନ୍ୟ ଦିଆଯାଉଛି । ସରିଗଣ୍ଡା ପଞ୍ଚାୟତର ବରପଲି, ସାତଝରି, ଗୋଠସାହି ଓ ଅନ୍ଧାରକୋଟରେ, ଲକ୍ଷ୍ମୀପୁର ପଞ୍ଚାୟତ ଗମ୍ଭାରୀଖୋଲ, ଜାମୁସାହି, ରାଇସର, ବିଡାପାଜ ଓ ଝୁଙ୍କାମରାରେ, ଘୁଗୁଡିପଡା ପଞ୍ଚାୟତର କଦଳୀବାରି, ସିଲିଗାଡି, ଚମ୍ପାଦାଇ, ଖଜୁରୀଡିହ, ଖଳିସାହି, ଖଣ୍ଡାଧାର, ଜାନିସାହ ଓ ରାଇମଡା ପରି ଅଞ୍ଚଳରେ ୫୫୯ ଜଣ ଚାଷୀ ମିଳିତ ହୋଇ କରିଛନ୍ତି ଗୋଷ୍ଠୀ ବିହନ ବ୍ୟାଙ୍କ । ଏହି ଚାଷୀମାନେ ଆଞ୍ଚଳିକ ବିହନ ବ୍ୟାଙ୍କ କମିଟି ଗଠନ କରି ବିହନ ବ୍ୟାଙ୍କରେ ଦେଶୀ ଧାନ ସମେତ ଅନ୍ୟ ଖାଦ୍ୟଶସ୍ୟକୁ ସଂରକ୍ଷଣ କରି ରଖୁଛନ୍ତି । ଚାଷୀ ବିହନ ଘରେ ନ ରଖି ଏଠାରେ ଆଣି ରଖୁଛନ୍ତି । ବିହନ ଯେତିକି ନେଉଛନ୍ତି ସମ ପରିମାଣର ଧାନ ସେତକି ଫେରାଉଛନ୍ତି । ତେବେ ଯେଉଁ ଚାଷୀ କେବଳ ବିହନ ନେଇଥିବେ ଫେରାଇ ନ ଥିବେ ଅମଳ ପରେ ବିହନର ୨ ଗୁଣା ଦେଉଛନ୍ତି । ଅନ୍ୟପକ୍ଷେ ବିହନ ବ୍ୟାଙ୍କର ସଭ୍ୟମାନେ ବିଭିନ୍ନ ପଡୋଶୀ ଗାଁ, ଜିଲା ଓ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ବିହନ ମାଗଣାରେ ଆଣୁଛନ୍ତି ।

ଏନେଇ ବିହନ ବ୍ୟାଙ୍କ ସଭ୍ୟ ରାଇସର ଗାଁର କାଞ୍ଚନ ବେହେରା କୁହନ୍ତି, ମାଟି ହାଣ୍ଡିରେ ଦେଶୀ ଧାନ ରଖି ଉପରେ ପାଳ ପକାଇ ମାଟି ଲେପି ସଂରକ୍ଷଣ କରାଯାଉଛି । ସେହିପରି ଅନ୍ୟ ଖାଦ୍ୟଶସ୍ୟକୁ ମଧ ବିଭିନ୍ନ ତରିକାରେ ସଂରକ୍ଷଣ କରି ରଖୁଛୁ । ରାସାୟନିକ ସାର ବ୍ୟବହାର ନ କରି ଜୈବିକ ପଦ୍ଧତିରେ ଦେଶୀ ଧାନ ଚାଷ କରୁଛୁ । ୧୨ରୁ ୧୫ ଦିନରେ ଧାନ ତଳି ଉପାଡି ୧୦ଇଞ୍ଚ ଦୂରତାରେ ୨ଟି ଗଛ ଲଗାଇ ଧାଡ଼ି ରୋପଣ ପଦ୍ଧତିରେ ଚାଷ କରୁଛୁ । ଗୋଟିଏ ଗଛ ୧୮ ରୁ ୨୦ ପିଲ ଦେଉଛି । ଚଳିତ ବର୍ଷ ଏକରରୁ ୧୦ରୁ ୧୨ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଛି । ବିଡାପାଜୁର ନିରୋଳା ଜାନୀ କୁହନ୍ତି, ଆମ ଧାନର ଚାହିଦା ବଢୁଛି । ଡାଇବେଟିସ୍ ରୋଗୀ ଦେଶୀ ଧାନର ଚାଉଳ ଖାଇଲେ କିଛି ଅସୁବିଧା ହେଉନି । ପ୍ରତି ଗାଁରେ ବିହନ ବ୍ୟାଙ୍କ ଖୋଲି ଦେଶୀ ଧାନର ପ୍ରଚାର ପ୍ରସାର କରାଯିବା ଦରକାର । ଚମ୍ପାଡାଳିର କାର୍ତ୍ତିକ ପ୍ରଧାନ ଓ ଜାନିସାହିର କୃତାର୍ଥ ଜାନୀ କୁହନ୍ତି, ସରକାରଙ୍କ ଦେଶୀ ଧାନ ପ୍ରତି ପ୍ରୋତ୍ସାହନ ନାହିଁ । ରାସାୟନିକ ସାର ଯୋଗୁ ରୋଗ ବଢ଼ୁଛି । ଆମ ଚାଷରେ ଅମଳ ଅଧିକ, ରୋଗ କମ । ଏଣୁ ଆମ ଧାନ ଚାଷ ଓ ବିହନ ବ୍ୟାଙ୍କ ନେଇ ପ୍ରଚାର ଓ ପ୍ରସାର କରି ଚାଷକୁ ବଢ଼ାଯାଉ । ଗୋଷ୍ଠୀ ବିହନ ବ୍ୟାଙ୍କ ସଭାପତି ଶଙ୍କର ପ୍ରଧାନ ଓ ସମ୍ପାଦକ ଅନିତା କଅଁର କୁହନ୍ତି, ନିର୍ମାଣ ଅନୁଷ୍ଠାନ ସହଯୋଗରେ ଆମେ ବିହନ ବ୍ୟାଙ୍କ କରିଛୁ । ପ୍ରଥମେ ଆମକୁ ବିହନ ସଂରକ୍ଷଣ କଷ୍ଟ ହେଉଥିଲା । ଏବେ ସହଜ ହୋଇଗଲାଣି । ଗତ ବର୍ଷ ୪୪ ପ୍ରକାରର ବିହନ ଥିଲା । ଚଳିତ ବର୍ଷ ଦୋଳକହ୍ନେଇ, ବାଇଗଣ ମଞ୍ଜି, ବେଲମଞ୍ଜି, କୁସୁମ କଲୀ, ମହୁଲ ଲତା, କଦଳିଆ ଚମ୍ପା ପରି ବିହନ ଆସିବା ପରେ ଏହା ୬୨ ପ୍ରକାରରେ ପହଞ୍ଚିଛି । ଚାଷୀର ସୁବିଧା ଓ ଅସୁବିଧାରେ ବିହନ ବ୍ୟାଙ୍କ କାମରେ ଲାଗୁଥିବାରୁ ଧିରେ ଧିରେ ଏହା ଲୋକପ୍ରିୟ ହେଉଛି ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ପାଇଁ ଆହ୍ୱାନ



ସମ୍ମିଳନୀରେ ଯୋଗଦେଇଥିବା ପାଚିକା, ସହାୟିକା ।

**ରଣପୁର,୨୯।୧(ସ୍ୱ.ପ୍ର.)**

### ପାଚିକା,ସହାୟିକା ସଂଘର ୪ର୍ଥ ସମ୍ମିଳନୀ

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ମା’ମଣିନାଗ ପୀଠରେ ରବିବାର ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ,ସିଆଇଟିୟୁ ରଣପୁର ବ୍ଲକର ୪ର୍ଥ ସମ୍ମିଳନୀ ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ ସଙ୍ଗଠନର ଜିଲା ସଭାପତି ସୁକାନ୍ତୀ ଜେନା ଉଦ୍‌ଘାଟନ କରିଥିଲେ । ଉକ୍ତ ସମ୍ମିଳନୀରେ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ନେତା ନିତ୍ୟାନନ୍ଦ ପରିଡା,ଶ୍ରମିକ ନେତା ସୁରେଶ ସ୍ୱାଇଁ,ସୁଶୀଲ ମହାନ୍ତି,ସଂଯୁକ୍ତା ସେଠୀ, ସବ୍ୟସାଚୀ ସେନାପତି ଓ କୁଳମଣି ପଲେଇ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ଓ ଜନ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ପାଚିକମାନଙ୍କୁ ନିୟମିତ କରିବା, ସର୍ବନିମ୍ନ ଦରମା ୨୬ହଜାର ଟଙ୍କା ଓ ପେନସନ ମାସକୁ ୧୦ହଜାର ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଥିଲା । ଏଥିସହିତ ୨୮ ମାସର ବକେୟା ଦରମା ସହ ସମସ୍ତ ସରକାରୀ ସହାୟତା ପ୍ରଦାନ ଲାଗି ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ବ୍ୟତିକ୍ରମ ଘଟିଲେ ଆନ୍ଦୋଳନ କରିବାକୁ ଆହ୍ୱାନ କରାଯାଇଥିଲା । ଏପ୍ରିଲ ୫ ଦିଲ୍ଲୀ ଅଭିଯାନରେ ସାମିଲ ହେବାକୁ ସମସ୍ତଙ୍କୁ ବକ୍ତାମାନେ ଅନୁରୋଧ କରିଥିଲେ । ଏହି ଅବସରରେ ଏକ ୪୨ ଜଣିଆ ବ୍ଲକ କମିଟି ନିର୍ବାଚିତ ହୋଇଥିଲେ । ସଭାପତି ଭିକାରୀ ଚରଣ ସାହୁ,ସମ୍ପାଦିକା ପ୍ରଭାତୀ ବେହେରା,କୋଷାଧକ୍ଷ ଲକ୍ଷ୍ମୀ ଜେନା,ଉପସଭାପତି ସୁକାନ୍ତି ଜେନା ଓ ଲିଲି ରଣା ଏବଂ ସହ ସମ୍ପାଦିକା ଭାବେ ସବିତା ପ୍ରଧାନ ଓ ସାବିତ୍ରୀ ବିଶୋଇ ନିର୍ବାଚିତ ହୋଇଛନ୍ତି ।

### ଭାଜପା କାର୍ଯ୍ୟକ୍ରମରେ ଖବରଦାତା ସାମିଲ ହେବେ ନାହିଁ

**ଦଶପଲ୍ଲା,୨୯।୧(ଡି.ଏନ.ଏ.)**

ଶନିବାର ଦଶପଲ୍ଲା ଦୁର୍ଗା ବଜାର ଶଙ୍କର ଭବନଠାରେ ନୟାଗଡ଼ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲା ତଥା ରାଜ୍ୟସ୍ତରୀୟ ବହୁ ନେତା ଉପସ୍ଥିତ ଥିଲେ । ପରିତାପର ବିଷୟ ଏହି ସଭାକୁ ଖବରଦାତାମାନଙ୍କୁ ଡକାଯାଇଥିଲା, କିନ୍ତୁ ସଭା ଆରମ୍ଭ ହେବା କ୍ଷଣି ସଭାପତିତ୍ୱ କରୁଥିବା ଲାଲା ମନୋଜ ରାୟ ‘ସାମ୍ବାଦିକମାନେ ଫଟୋ ଉଠାଇ ସାରିଲଣି, ଏଥର ଯାଅ, ଆମେ ଆମର ଆଲୋଚନା କରିବୁ’ ବୋଲି କହିଥିଲେ । ଏକଥା ଶୁଣି ସମସ୍ତ ଖବରଦାତା ଚାଲି ଆସିଥିଲେ । ରବିବାର ପ୍ରେସକ୍ଲବର ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସି ସେଥିରେ ଜିଲା ଭାଜପା ବିରୋଧରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଛି । ଖବରଦାତାମାନଙ୍କୁ ଫୋନ୍ ଯୋଗେ ନିମନ୍ତ୍ରଣ କରି ବୈଠକରୁ ଅପମାନଜନକ ଭାବେ ବିଦା କରିବାକୁ ନିନ୍ଦା କରାଯାଇଥିଲା। ଭବିଷ୍ୟତରେ ପ୍ରେସ୍ କ୍ଲବ୍ ଦଶପଲ୍ଲାର ସଭ୍ୟମାନେ ଭାଜପାର କୌଣସି କାର୍ଯ୍ୟକ୍ରମରେ ସାମିଲ୍ ହେବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମୃତା



@ ଆଶୁତୋଷ



@ ସାଗରିକା



@ ଜ୍ୟୋତି



@ ଗୁଡୁ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଫଳ ମଣିଷ ହେବାକୁ ପରାମର୍ଶ

**ଖଣ୍ଡପଡ଼ା,୨୯।୧(ସ୍ୱ.ପ୍ର.):** ଶିକ୍ଷା ହିଁ ଜୀବନର ଶ୍ରେଷ୍ଠ ସମ୍ପଦ । ଶିକ୍ଷା ବିନା ମଣିଷର ଭବିଷ୍ୟତ ନାହିଁ । ଏଣୁ ପିଲାମାନଙ୍କୁ ମାନସିକ ଓ ଶାରୀରିକସ୍ତରରେ ଚାପ ପ୍ରୟୋଗ ନ କରି ତାଙ୍କ ଭାବନାକୁ ବୁଝି ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଶନିବାର ସନ୍ଧ୍ୟାରେ କଣ୍ଟିଲୋସ୍ଥିତ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଂଶତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ନୀଳମାଧବ ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଅଧାପକ ଡ. ନିରୋଦ କୁମାର ମନ୍ତ୍ରୀ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଜଣେ ଭଲ ମଣିଷ ହେବା ଯେତିକ ଜରୁରୀ ଜଣେ ସଫଳ ମଣିଷ ହେବା ତା’ଠାରୁ ଅଧିକ ଆବଶ୍ୟକ । ଆୟୋଜିତ ଉତ୍ସବର ଅନ୍ୟତମ ଅତିଥି ଭାବେ କଣ୍ଟିଲୋ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ମାଧବ ଚୌଧୁରୀପାଟଣା ଉନ୍ନୟନ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷାନୁଷ୍ଠାନର ସଭାପତି ପ୍ରଦୀପ କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବରେ ପ୍ରଧାନଆଚାର୍ଯ୍ୟ କାଶୀନାଥ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ । ପବିତ୍ର କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପବିତ୍ର କୁମାର ରଣାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ନୃତ୍ୟ ନାଟିକା ପରିବେଷଣ କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ଭଙ୍ଗାଗଲା ପୁରୁଣା ବସ୍‌ଷ୍ଟାଣ୍ଡ ଘର

**ନୟାଗଡ଼ ଅଫିସ,୨୯।୧**

- ଟ୍ରାଫିକ ପୋଷ୍ଟର ହେବ ନବକଳେବର
- ୫୦ରୁ ୬୦ ଫୁଟ୍ ହେବ ଗୋଲେଇ
- ପ୍ରାଥମିକ ପର୍ଯ୍ୟାୟରେ ରହିବନି ସିଗ୍‌ନାଲ

ନୟାଗଡ଼ ସହରର ଟ୍ରାଫିକ ବ୍ୟବସ୍ଥାକୁ ସଜାଡିବା ପାଇଁ ନୟାଗଡ଼ ଟ୍ରାଫିକ ପୋଷ୍ଟର ନବକଳେବର ଅବସରରେ ପୁରୁଣା ବସ୍‌ଷ୍ଟାଣ୍ଡର ଘରକୁ ଶନିବାର ରାତିରୁ ଭଙ୍ଗା ଯିବା କାର୍ଯ୍ୟ ଆରମ୍ଭ ହୋଇଛି । ପୁରୁଣା ବସ୍‌ଷ୍ଟାଣ୍ଡ ଘର ଭଙ୍ଗାଯିବା ପରେ ଟ୍ରାଫିକ ପୋଷ୍ଟ କାର୍ଯ୍ୟ ଆରମ୍ଭ ହେବ । ୫୦ରୁ ୬୦ ଫୁଟ୍ ଗୋଲେଇ ଛକ କରି ଟ୍ରାଫିକ ପୋଷ୍ଟ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି । ତେବେ ପ୍ରାଥମିକ ପର୍ଯ୍ୟାୟରେ ଟ୍ରାଫିକ ପୋଷ୍ଟରେ ସିଗ୍‌ନାଲ ରହିବନି । କିନ୍ତୁ ପରେ ସିଗ୍‌ନାଲ ରଖିଲେ କିଛି ଅସୁବିଧା ନାହିଁ । ସବୁ ରାସ୍ତା ୪ ଲେନ ହେବ । ପ୍ରସ୍ତାବିତ ଟ୍ରାଫିକ୍‌ର ଗୋଲେଇ ଛକଠାରୁ ୫୭ ନଂ.ଜାତୀୟ ରାଜପଥର ଖୋର୍ଦ୍ଧା ରାସ୍ତାରେ ୧୦୦ମିଟର ଓସାରର



ଭଙ୍ଗାଯାଇଥିବା ଘର ।



ଟ୍ରାଫିକ୍ ପୋଷ୍ଟର ନକ୍ସା ।

ରାସ୍ତା ହେବ । ରାସ୍ତା ଡିଭାଇଡର ଆରମ୍ଭ ପାର୍କ ଲେନ୍‌କୁ ସଂଯୋଗ କରୁଥିବା ରାସ୍ତା ପର୍ଯ୍ୟନ୍ତ ହେବାର ରହିଛି । ସେହିପରି ଦଶପଲ୍ଲା ରାସ୍ତାରେ ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପୁରୁଣା ଜେଲ ପର୍ଯ୍ୟନ୍ତ ୧୦୦ ମିଟର ଓସାରର ରାସ୍ତା ହେବ । ଖଣ୍ଡପଡ଼ା ରୋଡରେ ୭୦ରୁ ୧୦୦ ମିଟର ରାସ୍ତା ହେବାକୁ ଥିବାବେଳେ ଓଡ଼ଗାଁ ରାସ୍ତାରେ ୬୦ ମିଟର ଓସାରରେ ରାସ୍ତା ତିଆରି କରାଯିବ । ସରକାରୀ ଜମି ବ୍ୟତୀତ ବେସରକାରୀ ଜମିକୁ ମଡାଯିବାର ପ୍ରସ୍ତାବ ନାହିଁ । ତେବେ ବର୍ତ୍ତମାନ ଯେଉଁ ଢ଼ାଞ୍ଚାରେ ଗୋଲେଇ ଟ୍ରାଫିକକୁ ସଂଯୋଗ କରି ରାସ୍ତା ନିର୍ମାଣ କରାଯିବ ସେଥିରେ ଡିଏଫ୍‌ଓ ଅଫିସ ଓ ଏହାକୁ ଲାଗି ନିର୍ମାଣ ହୋଇଥିବା ପରିଶ୍ରାଗାର ଭଙ୍ଗାଯିବାର ପ୍ରସ୍ତାବ ନାହିଁ । ସେହିପରି ଓଡ଼ଗାଁ ରୋଡ ଏବେ ଯେତିକି ଓସାର ରହିଛି ତା’ଠାରୁ ଅଧିକ ଓସାର ହେବାର ପ୍ରସ୍ତାବ ନାହିଁ । ଏଣୁ ଓଡ଼ଗାଁ ଓ ଖଣ୍ଡପଡା ରାସ୍ତା ସଂକୀର୍ଣ୍ଣ ହୋଇଯିବାର ଆଶଙ୍କା ପ୍ରକାଶ ପାଇଲାଣି । ସହରର କେତେଜଣ ବୁଦ୍ଧିଜୀବୀଙ୍କ ମତନୁସାରେ ପରିଶ୍ରାଗାର ଓ ଡିଏଫ୍‌ଓ ଅଫିସର କିଛି ଅଂଶ ଭଙ୍ଗାଯିବା ଦରକାର । ପୁଣି ଓଡ଼ଗାଁ ରାସ୍ତାରେ ସରକାରୀ ଜମି ମଡାଇ ରଖିଥିବା ଦୋକାନୀଙ୍କ ଘର ଭଙ୍ଗାଯିବା ଆବଶ୍ୟକ । ସହରରେ ଟ୍ରାଫିକ ସେବାକୁ ସୁବିଧା ଓ ସହଜ କରିବାକୁ ସହରବାସୀଙ୍କ ସହଯୋଗ ରହିଲେ ଏହା କରାଯାଇପାରେ । ଏନେଇ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସହକାରୀ ଯନ୍ତ୍ରୀ ଚନ୍ଦନ ରଥ କୁହନ୍ତି, ଗୋଲେଇ ଟ୍ରାଫିକ ପାଇଁ ୨ କୋଟି ଅର୍ଥ ମଞ୍ଜୁର ହୋଇଛି । ପୁରୁଣା ବସ୍‌ଷ୍ଟାଣ୍ଡର ଘର ଭଙ୍ଗାଯିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାଫିକ ପୋଷ୍ଟ କାର୍ଯ୍ୟ ଆରମ୍ଭ ହେବ । କାମ ରାତିରେ ହେବ । ୪ ଛକ ରାସ୍ତାର ଗୋଟିଏ ପଟ ରାସ୍ତା କାମ ଚାଲିବାବେଳେ ଅପର ପାର୍ଶ୍ୱରେ ଯାତାୟତ ଓ ଯାନବାହାନ ଚଳାଚଳ କରିବ ।

